## ସଂକ୍ଷେପରେ

### ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର

ମାଲକାନଗିରି, ୨୦।୧(ଦୁର୍ଯ୍ୟୋଧନ ପାତ୍ର)

ଉଚ୍ଚ ଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ମହାବିଦ୍ୟାଳୟ ସଭାଗୃହରେ ଜଗନ୍ନାଥ ସଂସ୍କୃତି ଉପରେ ଏକ ଦିବସୀୟ ଆଲୋଚନାଚକ୍ର ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ କୁମାର ରଥ ଯୋଗଦାନକରି ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଜୟ କୁମାର ମିଶ୍ର କହିଲେ, ଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିର ଠାକୁର ଏବଂ ଶବରଙ୍କ ପ୍ରଥମ ଆରାଧ୍ୟ । କାର୍ଯ୍ୟକ୍ରମକୁ ଜିଲା ନୋଡାଲ ଅଧିକାରୀ ଡ.ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନବରଙ୍ଗପୁର ଅଧାପିକା ଡ. ସିଲି ରାଉତ ଜଗନ୍ନାଥଙ୍କ ଭୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

# ନବବଧୂଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

ପାପଡ଼ାହାଣ୍ଡି/ନବରଙ୍ଗପୁର,୨୦।୧
(ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ପ୍ରହରାଜ)

- ଯୌତୁକଜନିତ ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ
- ଫେରାର ଅଛନ୍ତି ଶାଶୁଘର ଲୋକେ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ଭିମା ସାହିରେ ଜଣେ ନବବଧୂଙ୍କୁ ଯୌତୁକ ଜନିତ ହତ୍ୟା କରାଯାଇଥିବା ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏବେ ଶ୍ୱଶୁରଘର ଲୋକେ ଫେରାର ଥିବାବେଳେ ଶନିବାର ଏହି ଘଟଣାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଛି। ବାପଘର ଲୋକେ ଦୋଷୀଙ୍କୁ ଦଣ୍ଡ ଦେବାକୁ ଦାବି କରିବା ସହ ଧାରଣା ଦେଇଥିଲେ। ପାପଡ଼ାହାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଅଭିଯୁକ୍ତମାନଙ୍କୁ ୭ଦିନ ମଧ୍ୟରେ ଧରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା।

ସୂଚନାନୁଯାୟୀ, ମାଲକାନଗିରି ଜିଲା କେନାଲ କଲୋନିର ରାମ ସେଠୀ ଓ ସୁଷମାଙ୍କ ଝିଅ ଗୀତା ୨୦୨୩ ଜୁଲାଇରେ ପାପଡ଼ାହାଣ୍ଡି ଭୀମା ସାହିର ଶିକ୍ଷକ ସୁଦାମ



ଗୀତା ସେଠୀ

ସେଠୀଙ୍କୁ ବିବାହ କରିଥିଲେ। ଶାଶୁଘର ଲୋକେ ଯୌତୁକ ମାଗି ନିର୍ଯାତନା ଦେଉଥିବା ଗୀତା ତାଙ୍କ ବାପଘରକୁ ଯାଇ ସେଠାରେ କହିଥିଲେ। ପରବର୍ତ୍ତୀ ସମୟରେ ସବୁ ଠିକ୍ ହୋଇଯିବ କହି ଝିଅକୁ ବୁଝାଶୁଝା କରି ବାପଘର ଲୋକେ ତାଙ୍କୁ ପୁଣି ଶାଶୁଘରକୁ ପଠାଇଥିଲେ। ଶୁକ୍ରବାର ଅପରାହ୍ନ ୨ଟାରେ ଗୀତାଙ୍କୁ ସ୍ୱାମୀ ସୁଦାମ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଦାମ ଶ୍ୱଶୁର ଘର ମାଲକାନଗିରିକୁ ଫୋନ କରି ଗୀତା ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଜଣାଇଥିଲେ। ରାତି ୯ଟା ୩୦ରେ ସମୟରେ ଗୀତାଙ୍କ ମା' ଥାନାରେ ପହଞ୍ଚି ଝିଅକୁ ସ୍ୱାମୀ, ନଣନ୍ଦ, ଶାଶୁ ଓ ଭଣଜା ଯୌତୁକ ନିର୍ଯାତନା ଦେଇ ମାରିଦେଇଥିବା ନେଇ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲା ଆଧାରରେ ପାପଡ଼ାହାଣ୍ଡି ପୋଲିସ କେସ୍. ନମ୍ବର ୩୭ /୨୪ରେ ମାମଲା ରୁଜୁ କରିଛି। ଶନିବାର ଗୀତାଙ୍କ ମୃତଦେହ ଦେଖି ସୁଦାମଙ୍କ ୨ ସମ୍ପର୍କୀୟ ଭଉଣୀ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଉପସ୍ଥିତ ଥିବା ଗୀତାଙ୍କ ବାପଘର ପକ୍ଷରୁ ମହିଳାଙ୍କ ସହ ତାଙ୍କର ବଚସା ଓ ପରେ ହାତାହାତି ହୋଇଥିଲେ। ଗୀତାଙ୍କ ବାପଘର ଲୋକେ ଧାରଣା ଦେଇଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ କରାଇ ଦେବୁନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ମା' ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ଡାକ୍ତରଖାନାରେ ପହଞ୍ଚି ଗୀତାଙ୍କୁ ନ୍ୟାୟ ଓ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ଖବରପାଇ ଏସ୍‌ଡିପିଓ ଆଦିତ୍ୟ ସେନ, ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଉପସ୍ଥିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସପ୍ତାହକ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଧାରଣା ହଟିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

# ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ




ମାଥିଲି,୨୦।୧(ସୁବାସ ଚନ୍ଦ୍ର ଖୁଦୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଧୁଙ୍ଗିଆପୁଟ ପଞ୍ଚାୟତ ପାତ୍ରପୁଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଶନିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାଥିଲି ବ୍ଲକ ଅଧକ୍ଷ ମହେଶ କୁମାର ବାକା ଯୋଗଦେଇଥିବା ବେଳେ ଧୁଙ୍ଗିଆପୁଟ ସରପଞ୍ଚ ମଧୁସୂଦନ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଗବାନ ରେଙ୍ଗୀ, ବରିଷ୍ଠ ସାମାଜିକ କର୍ମୀ ଦଶରଥ ସଗରିଆ, ଧନ ନାୟକ , ୱାର୍ଡମେମ୍ବର ମମିତା ସଗରିଆ, ଭୀମଲା ଦୋରା, ଆଶାକର୍ମୀ ରାଧାମଣି ସଗରିଆ, ପ୍ରଧାନ ଶିକ୍ଷକ ଭି. ରାମପ୍ରସାଦ, ସହକାରୀ ଶିକ୍ଷକ ଦୀପ୍ତି କାନ୍ତ ପଣ୍ଡା, ଶ୍ରୀନିବାସ ଜେନା, ସତ୍ୟନାରାୟଣ ପାତ୍ର, ଚକ୍ରଧର ମାହାଲିକ ଓ ସାମାଜିକ କର୍ମୀ ଅଜିତ କୁମାର ସଗରିଆ ଯୋଗଦେଇଥିଲେ। ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଆଲୋଚନା ସହ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟ ସହ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଭି. ରାମ ପ୍ରସାଦ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ସହକାରୀ ଶିକ୍ଷକ ରଶ୍ମିରଞ୍ଜନ ପରିଡ଼ା, ମହେଶ ବାବୁ ଓ ଛାତ୍ରୀଛାତ୍ରମାନେ ସହଯୋଗ କରଥିଲେ।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା

## କୋରାପୁଟର ପାରମ୍ପରିକ ସୁଆଁ ପ୍ରଜାତି ଅଧିକ ପୁଷ୍ଟିକର



କୋରାପୁଟ,୨୦।୧(ଅମିତାଭ ବେହେରା)

କୋରାପୁଟର ଜନଜାତିମାନେ ଚାଷ କରୁଥିବା ପାରମ୍ପରିକ ସୁଆଁ ମଧ୍ୟରୁ ଅଧିକ ପୁଷ୍ଟିକର ସୁଆଁ ପ୍ରଜାତି ଚିହ୍ନଟ କରିଛନ୍ତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ବଳ ବିଭାଗର ଗବେଷକ ସହାୟକ ପ୍ରଫେସର ଡ. ଦେବବ୍ରତ ପଣ୍ଡାଙ୍କ ସମେତ ତାଙ୍କ ସହଯୋଗୀମାନେ। ସେ ତାଙ୍କ ସହଯୋଗୀଙ୍କ ସହ ମିଶି କୋରାପୁଟର ବିଭିନ୍ନ ଦେଶୀ ସୁଆଁର ଗୁଣାତ୍ମକମାନ ଉପରେ ଗବେଷଣାକରି ଏହି ତଥ୍ୟ ହାସଲ କରିଛନ୍ତି। ଗବେଷଣାରୁ ଜଣାପଡ଼ିଛି, ୩ ପ୍ରକାର ପାରମ୍ପରିକ ସୁଆଁ ରହିଛି ଯଥା ମାମି ସୁଆଁ, କଳା ସୁଆଁ ଏବଂ ବ ସୁଆଁ। ଅନ୍ୟ ସୁଆଁ ପ୍ରଜାତିଠାରୁ ଏଥିରେ ଅଧିକ ପରିମାଣରେ ପୋଷକତତ୍ତ୍ୱ ଭରି ରହିଛି। ଏହି ଦେଶୀ ସୁଆଁରେ ଅଧିକ ପ୍ରୋଟିନ, ଫାଇବର, ଭିଟାମିନ, ଆଣ୍ଟିଅକ୍ସିଡାଣ୍ଟ, ମିନେରାଲ୍ସ ଆଦି ରହିଥିବା ପଣ୍ଡା ପ୍ରକାଶ କରିଛନ୍ତି। ଏହି ସୁଆଁର ଗୁଣାତ୍ମକ ମାନ ହାଇବ୍ରିଡ୍ ଭେରାଇଟି ଓ ଲମ୍-୨୦୮ଠାରୁ ଅଧିକ। କୋରାପୁଟର ପୂର୍ବତଟ ମାଳଭୂମିର ଆଦିମ ଜନଜାତିମାନେ ଚାଷ କରୁଥିବା ୧୪ ପ୍ରକାର ଦେଶୀ ସୁଆଁର ଗୁଣାତ୍ମକ ମାନର ଗବେଷଣାକୁ ଅନ୍ତର୍ଜାତୀୟ ଜର୍ନାଲ ପ୍ଲାଣ୍ଟରେ ଗତ ଜାନୁଆରୀ ୧୩ରେ ବିଶ୍ୱବିଦ୍ୟାଳୟର ପ୍ରଫେସର ପଣ୍ଡାଙ୍କ ଛାତ୍ରୀ ପ୍ରମିଳା ମୁନି, ଅଲୌକିକା ପଣ୍ଡା, ସ୍ୱାମୀନାଥନ ଫାଉଣ୍ଡେଶନର ବୈଜ୍ଞାନିକ ଡ. କାର୍ତ୍ତିକ ଲେଙ୍କା ଓ ପ୍ରଶାନ୍ତ ପରିଡ଼ା ମିଳିତ ଭାବେ ଗବେଷଣାଲବ୍ଧ ତଥ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ଏହି ସଫଳ ଗବେଷଣା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓ ପ୍ରଫେସର ଶରତ ପଲିତା ସେମାନଙ୍କ ଉଚ୍ଚପ୍ରଶଂସା କରିଛନ୍ତି।

# ପୃଥକ୍ ସ୍ଥାନରୁ ୨ ଗଞ୍ଜେଇ ଚାଲାଣକାରୀ ଗିରଫ

ମାଲକାନଗିରି,୨୦।୧(ଦୁର୍ଯ୍ୟୋଧନ ପାତ୍ର)





ମାଲକାନଗିରି ଜିଲା ମାଥିଲି ପୋଲିସ ପୃଥକ୍ ସ୍ଥାନରୁ ୨ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିବା ସହିତ ଦୁଇ ବାଇକ୍ ସହ ଗଞ୍ଜେଇ ଜବତ କରିଛି।

ସୂଚନା ଅନୁଯାୟୀ, ସବ ଇନ୍ସପେକ୍ଟର ଅଶ୍ୱିନୀ କୁମାର ପ୍ରଧାନ ଓ ଅନ୍ୟ ପୋଲିସ କର୍ମଚାରୀ ଛତିଶଗଡ଼ ସୀମାନ୍ତ ମୁଣ୍ଡାଗୁଡା ଫାଣ୍ଡି ଅଞ୍ଚଳରେ ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଓଆର-୩୪-୮୭୭୫ ବାଇକ୍ ଦ୍ରୁତ ଗତିରେ ଆସୁଥିବା ଦେଖି ଅଟକାଇ ଜାଞ୍ଚ ସମୟରେ ବସ୍ତାରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିବା ସହିତ ଗଞ୍ଜେଇ ଓ ବାଇକକୁ ଜବତ କରି ମାଥିଲି ଥାନାକୁ ଆଣିଥିଲେ। ଗଞ୍ଜେଇ ଚାଲାଣ କାରୀଙ୍କ ଘର ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଅନ୍ତର୍ଗତ କୁସୁମୀ ଗ୍ରାମର ବୈଦ୍ୟନାଥ ରାଜଗଣ୍ଡ। ସେ ମାଲକାନଗିରି ଜିଲା ମାଥିଲି ଅଞ୍ଚଳରୁ ୩୦ କେଜି ଗଞ୍ଜେଇ ନେଇ କିଆଙ୍ଗ,ସାଲିମି ମହୁପଦର ରାସ୍ତାରେ ଛତିଶଗଡ଼ ଚାଲାଣ କରୁଥିବା ବେଳେ ମାଥିଲି ପୋଲିସ ତାଙ୍କୁ ମୁଣ୍ଡାଗୁଡା ଫାଣ୍ଡି ନିକଟରେ ଗିରଫ କରିଥିଲେ। ସେହିପରି ଗୋବିନ୍ଦପାଲ୍ଲୀ ଫାଣ୍ଡି ଅଧିକାରୀ ସବ୍ ଇନ୍ସପେକ୍ଟର ବିଷ୍ଣୁ କିଶୋର ଡାଲ ଓ ଅନ୍ୟ ପୋଲିସ କର୍ମଚାରୀ ଶୁକ୍ରବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ୪୦ କେଜି ଗଞ୍ଜେଇ ସହ ଗୋଟିଏ ବାଇକ୍ ନଂ. ଓଡ଼ି-୧୦-ଏଫ-୯୪୩୮ ସହ ସ୍ମାର୍ଟ ମୋବାଇଲ୍ ଫୋନ୍ ସହ ୪୦ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଗିରଫ ଜଣକ ମାଲକାନଗିରି ଜଲା ଓର୍କେଲ ଥାନା ପାଣିଘାଟ ଗ୍ରାମର ମାଧବ ଫଟକା। ବୈଦ୍ୟନାଥଙ୍କ ନାମରେ ମାଥିଲି ଥାନାରେ ନମ୍ବର ୨୬/୨୪ ଓ ମାଧବଙ୍କ ନାମରେ ନମ୍ବର ୨୭/୨୪ ମାମଲା ରୁଜୁ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପ୍ରେସ୍ କ୍ଲବ ତରଫରୁ ଖବରଦାତା ଗଜମୋହନଙ୍କୁ ଶ୍ରଦ୍ଧାଞ୍ଜଳି

ମୁନିଗୁଡ଼ା,୨୦।୧(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ସୁଭଦ୍ରା- ଉଦ୍ଧବ ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ଶନିବାର ମଧ୍ୟାହ୍ନରେ ବରିଷ୍ଠ ଖବରଦାତା ସୀମାଞ୍ଚଳ ପଣ୍ଡାଙ୍କ ସଭାପତିତ୍ୱରେ ଯୁବ ସାମ୍ବାଦିକ ଗଜମୋହନ ଗରଡିଆଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସୀମାଞ୍ଚଳ ସ୍ୱର୍ଗତ ଯୁବ ଖବରଦାତା ଗଜମୋହନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପ୍ରେସ୍ କ୍ଲବ ସଭାପତି ରାଜୀବ ଲୋଚନ ଦାସ, ଉପ ସଭାପତି ମନୋରଞ୍ଜନ ଦଳାଇ, ଉପଦେଷ୍ଟା ରାମଚନ୍ଦ୍ର ବେହେରା,ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ, ଗଣେଶ ପ୍ରସାଦ ପାତ୍ର, ପ୍ରମୋଦ ସାହୁକାର,ଗୌରାଙ୍ଗ ଚରଣ ରାଉତ,ଚନ୍ଦ୍ରଶେଖର ପଣ୍ଡା,ଲାଡ଼ି ଶଙ୍କର ରାଓ, ଧନୁ କୁଶୁଲିଆ,ହାଡିପା ଗୌଡ଼ ପ୍ରମୁଖ ସ୍ୱର୍ଗତ ଗଜମୋହନଙ୍କ ସାମ୍ବାଦିକ ଜୀବନ ଓ ଗରିବ ମଣିଷଙ୍କ ପ୍ରତି ସେବା ସମର୍ପଣ ଭାବ ବିଷୟରେ ଆଲୋକପାତ କରିଥିଲେ। ତାଙ୍କର ଅକାଳ ନିଧନ ରାୟଗଡ଼ା ଜିଲା ଖବରଦାତା ପରିବାର ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ରାମଲାଲାଙ୍କ ଉଦ୍ଦେଶ୍ୟରେ ୧୪ ଫୁଟର ଦୀପ ପ୍ରସ୍ତୁତ

ଗୁଣପୁର, ୨୦।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ନୂତନ ବସ୍‌ଷ୍ଟାଣ୍ଡଠାରେ ପ୍ରଭୁ ଶ୍ରୀ ରାମଲାଲାଙ୍କ ଉଦ୍ଦେଶ୍ୟରେ ଦୀପଦାନ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ସୋମବାର ଅଯୋଧାରେ ହେବାକୁ ଥିବା ଶ୍ରୀ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଓ ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ଗୁଣପୁର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏହି ଦୀପ ଲାଗିବ। ନୂତନ ବସ୍‌ଷ୍ଟାଣ୍ଡଠାରେ ଥିବା ବିଶ୍ୱକର୍ମା ୱର୍କସପଠାରେ ପ୍ରସ୍ତୁତି ହୋଇଛି । ଦୀପକୁ ତିଆରି କରୁଛନ୍ତି ନାରାୟଣ ମହାରଣା। ଦିପର ଲମ୍ବ ୧୪ ଫୁଟ, ଓସାର ୮ ଫୁଟ ଏବଂ ଉଚ୍ଚତା ୩ ଫୁଟ। ଏଥିରେ ପ୍ରାୟ ୮ ଇଞ୍ଚ ମୋଟର ସଳିତା ଓ ଲମ୍ବ ୧୫ ଫୁଟ ରହିଛି । ଏଥିରେ ୧୫୦୦ ଶହ ଲିଟର ତେଲ ଲାଗିବ । ଏହି ଦୀପ ଲଗାଇବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି । ଦୀପ ତିଆରି ପାଇଁ ୧୫ ଦିନ ସମୟ ଲାଗିଥିବା କାରିଗର କହିଛନ୍ତି ।


ନାରାୟଣ ମହାରଣାଙ୍କ ଦ୍ୱାରା ନିର୍ମିତ ଦୀପ।

# କାଲିମେଳାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

କାଲିମେଲା, ୨୦।୧ (ଜୀବନକୃଷ୍ଣ ଦାସ)

କାଲିମେଳା ବ୍ଲକରେ ଥିବା ଗୋପବନ୍ଧୁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋପବନ୍ଧୁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପଡ଼ିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ପରମାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତାଭାବେ ଏମ୍‌ଭି ୭୯ ଶ୍ୟାମପ୍ରସାଦ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷା ପ୍ରବାସିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ସରକାର ଡିଜିଟାଲ ମାଧ୍ୟମରେ ଭାଷାକୁ ଲୋକାଦୃତ କରିବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରଯାଇଛି । ଏହା ସହ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାର ପାଇଁ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପରିପେକ୍ଷୀରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି । ଏହି ଅବସରରେ ମହାବିଦ୍ୟାଳୟରେ ଓଡ଼ିଆ ଭଜନ, ତର୍କ, ପ୍ରବନ୍ଧ, କବିତା ଲିଖନ, ହସ୍ତାକ୍ଷର ଲିଖନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପ୍ରଥମ ପୁରସ୍କାର ବାବଦରେ ୨୦୦୦, ଦ୍ୱିତୀୟ ପ୍ରତିଯୋଗୀଙ୍କୁ ୧୫୦୦ ଓ ତୃତୀୟ ପ୍ରତିଯୋଗୀଙ୍କୁ ୧୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଇଂଲିଶ ଅଧାପକ ତଥା ନୋଡାଲ ଅଫିସର ଡ. ପଦ୍ମଲୋଚନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନ୍ୟ ଅଧାପକ ସୁଶାନ୍ତ ବାରିକ, ପି. ରବିଶଙ୍କର, ପ୍ରସନ୍ନଜିତ୍ ସ୍ୱର୍ଣ୍ଣକାର, ଅଧାପିକା ଶିବାନୀ ମହାରଣା ଓ ପପିଆ ବଉଲ ଓ ତାପସ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

## ତାଲିମ ଶିବିର

ଜୟପୁର, ୨୦।୧ (ପବନ ପାଣିଗ୍ରାହୀ)

ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଇଭିଏମ ଓ ଭିଭିପିଏଟି ଉପରେ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଉପ ଜିଲାପାଳ ପ୍ରଭାତ ପରିଡା ଉପସ୍ଥିତ ରହି ତାଲିମ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଜୟପୁର ଓ କୋଟପାଡ ନିର୍ବାଚନ ମଣ୍ଡଳୀର ଭୋଟଦାନ କେନ୍ଦ୍ରରେ ଆନୁସଙ୍ଗିକ ସୁବିଧା ପାନୀୟ ଜଳ, ବିଦ୍ୟୁତ, ଭିନ୍ନକ୍ଷମଙ୍କ ପାଇ ର୍‍ୟାମ୍ପ ଅଛି କି ନାହିଁ ତାହା ଦେଖିବାକୁ ଶିବିରରେ ଉଭୟ ଅଧିକାରୀ ପରାମର୍ଶ ଦେଇଥିଲେ। କେନ୍ଦ୍ରରେ ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା, ଭିନ୍ନକ୍ଷମମାନଙ୍କ ପାଇଁ ର୍‍ୟାମ୍ପ ସୁବିଧା ଅଛି କି ନାହିଁ ତାହା ଦେଖିବା ଉପସ୍ଥିତ କର୍ମଚାରୀମାନଙ୍କୁ କୁହାଯାଇଛି। ଶିବିରରେ କୁନ୍ଦୁରା, କୋଟପାଡ ଓ ଜୟପୁରର ତହସିଲଦାରଙ୍କ ସହ ସେକ୍ଟର ଅଫିସରମାନେ ଉପସ୍ଥିତ ଥିଲେ।

# ମୃତ କନ୍‌ଷ୍ଟେବଲଙ୍କ ପରିବାରକୁ ୩୦ ଲକ୍ଷର ସହାୟତା




ମାଲକାନଗିରି, ୨୦।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୋଲିସ ବିଭାଗରେ କନ୍‌ଷ୍ଟେବଲ ଭାବେ କାମ କରିଥିବା ସ୍ୱର୍ଗତ ସୁନୀଲ ଚୌଧୁରୀଙ୍କ ପରିବାରବର୍ଗଙ୍କୁ ଏସ୍‌ବିଆଇ ୩୦ ଲକ୍ଷର ସହାୟତା ରାଶି ପ୍ରଦାନ କରିଛି। ସୂଚନା ଅନୁଯାୟୀ, ଗତ ବର୍ଷ ଜୁଲାଇରେ ସୁନୀଲ ଓ ତାଙ୍କର ଜଣେ ସହଯୋଗୀଙ୍କ ସହ ବାଇକ୍‌ରେ ରାତିରେ ଘରକୁ ଫେରୁଥିବା ବେଳେ ପାଙ୍ଗାମ ନିକଟରେ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ସୁନୀଲ ନିଜର ଦରମା ପାଉଥିବା ଆକାଉଣ୍ଟ ଷ୍ଟେଟ ବ୍ୟାଙ୍କରେ ଖୋଲିଥିଲେ। ଏସ୍‌ବିଆଇର ପୋଲିସ ସାଲାରି ପ୍ୟାକେଜ ଅନୁସାରେ ଓଡ଼ିଶାର ଯେଉଁ ପୋଲିସ କର୍ମଚାରୀ ଏସ୍‌ବିଆଇରେ ଦରମା ପାଉଥିବା ଆକାଉଣ୍ଟ ଖୋଲିଥିବେ ସେ ଦୁର୍ଘଟଣାରେ ମୃତ୍ୟୁବରଣ କଲେ ୩୦ ଲକ୍ଷ ସହାୟତା ରାଶି ତାଙ୍କ ପରିବାରବର୍ଗଙ୍କୁ ପ୍ରଦାନ କରାଯିବ। ଏନେଇ ସୁନୀଲଙ୍କ ପିତା ସୀମାଞ୍ଚଳ ଚୌଧୁରୀଙ୍କୁ ଶନିବାର ମାଲକାନଗିରି ପୋଲିସ ମୁଖ୍ୟାଳୟରେ ଏସ୍‌ବିଆଇ ପକ୍ଷରୁ ୩୦ ଲକ୍ଷର ଚେକ୍ ପ୍ରଦାନ କରାଯାଇଛି। ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନି ଓ ଏସ୍‌ବିଆଇ ଶାଖା ପରିଚାଳକ ଦେବଦତ୍ତ ସେଠୀ ଉପସ୍ଥିତ ଥିଲେ।

# ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ

ମାଲକାନଗିରି, ୨୦।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ପଡ଼ିଆ ବ୍ଲକର ଭୀମା ମାଡକାମୀ ଉଚ୍ଚ ବିଦ୍ୟାଳୟ, ଇରାଲଗୁଣ୍ଡି, ମାଲକାନଗିରି ବ୍ଲକର ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମାଟାପାକା ଏବଂ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବୁରୁଦି ଠାରେ ବିଦ୍ୟାଳୟ ସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଏହି ତିନୋଟି ବିଦ୍ୟାଳୟ ଉତ୍ସବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାହିତ୍ୟ ସୃଜନୀରେ ମୋ କଥା ମୋ କାହାଣୀ, ଜିଜ୍ଞାସା କ୍ଲବରେ ବିଭିନ୍ନ ପ୍ରକାର ପ୍ରକଳ୍ପ, କୌଶଳୀ କ୍ଲବର କମ୍ପ୍ୟୁଟର ଜ୍ଞାନ ସମ୍ପର୍କିତ ପ୍ରଦର୍ଶନୀ ଏବଂ କ୍ରୀଡ଼ାଙ୍ଗନ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ଏହା ସହ ବିଦ୍ୟାଳୟସ୍ତରରେ ଭାଷା ସଂସ୍କୃତିର ଉନ୍ନତି ନିମନ୍ତେ ଛାତ୍ରୀଛାତ୍ର, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସରପଞ୍ଚ, ବିଦ୍ୟାଳୟ କମିଟିକର୍ମକର୍ତ୍ତା ଯୋଗଦେଇଥିଲେ। ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡାଙ୍ଗନ ଏହି ଚାରିଟି କ୍ଲବର ଛାତ୍ରୀଛାତ୍ରମାନେ ନିଜ ନିଜ ପ୍ରକଳ୍ପ ପ୍ରଦର୍ଶିତକରି ଦଳଗତ ଭାବେ ନିଜ ନିଜ ପ୍ରକଳ୍ପକୁ ଉପସ୍ଥାପନ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଗଳ୍ପ ଓ କବିତା ଆବୃତ୍ତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କର ସୃଜନଶୀଳତାର ବିକାଶ ହୋଇପାରିବ ବୋଲି ଅଭିଭାବକମାନେ ମତ ଦେଇଥିଲେ।


କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ଟାଙ୍ଗିଆରେ ପିଟି ମହିଳାଙ୍କୁ ହତ୍ୟା

- ଗାଁର ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ

ଉମରକୋଟ, ୨୦।୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ରାଜପୁର ପଞ୍ଚାୟତ ସଦର ଗାଁର ଜଣେ ମହିଳାଙ୍କୁ ଟାଙ୍ଗିଆରେ ପିଟି ହତ୍ୟା କରାଯାଇଥିବା ନେଇ ସିଂସାରି ଫାଣ୍ଡିରେ ଅଭିଯୋଗ ହୋଇଛି। ମୃତକ ହେଲେ ଗାଁର ସୁମନି ଜାନି(୩୫)। କିଛି ବର୍ଷ ତଳେ ତାଙ୍କ ସ୍ୱାମୀ ଜିତୁଙ୍କ ମୃତ୍ୟୁ ହୋଇଯାଇଛି। ଏହି ଘଟଣାରେ ପୋଲିସ ଗାଁର ଧନସିଂ ଜାନି(୪୫)ଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ସୁମନି ଓ ଧନସିଂ ଗୁରୁବାର ସନ୍ଧ୍ୟାରେ ଗ୍ରାମ ପାଖ ପୋଖରୀ ନିକଟରେ ବୁଲୁଥିବା ଗ୍ରାମବାସୀ ଦେଖିଥିଲେ। ଏହାପରେ କିନ୍ତୁ ସୁମନି ରାତିରେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ପତା ମିଳି ନ ଥିଲା। ଶୁକ୍ରବାର ସନ୍ଧ୍ୟାରେ ସୁମନିଙ୍କ ମୃତଦେହ ପାଖ ଜମିରେ ପଡ଼ିଥିବା କେତେଜଣ ଗାଇ ଚରାଳି ଦେଖି ଗ୍ରାମବାସୀ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଘରକୁ ଆଣିଥିଲେ। ଶନିବାର ସକାଳୁ ସୁମନିଙ୍କ ସମ୍ପର୍କୀୟ ଖେମରାଜ ସିଂସାରୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଧନସିଂ ସୁମନିଙ୍କୁ ଟାଙ୍ଗିଆରେ ପିଟି ହତ୍ୟା କରିଥିବା ଏତଲାରେ ଉଲ୍ଲେଖ ରହିଛି। ପୋଲିସ ୨୪/୨୪ରେ ମାମଲା ରୁଜୁ କରିଛି। ଖବରପାଇ ଡାବୁଗାଁ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ, ଏସ୍‌ଆଇ ଚନ୍ଦନ କୁମାର ସାହୁ, ଏସ୍‌ଆଇ ବିଜୁରାମ ବାଗ, ଏଏସ୍‌ଆଇ ଶଶୀକାନ୍ତ ଘୋଷ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ପୋଲିସ ଏସ୍‌ଆଇ ବିଜୁରାମ ବାଗ ଘଟଣାର ତଦନ୍ତ କରୁଛନ୍ତି।


ପୋଲିସ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି।

## ସଂକ୍ଷେପରେ

### ଗୁଡାରି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

ଗୁଡାରି,୨୦।୧ (ପ୍ରମୋଦ କୁମାର ପତି )

ଗୁଡାରି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଉଦୟ କୁମାର ସେଠି, ପଦ୍ମପୁର ବ୍ଲକର ନେତା ଗୋଦାବରୀ ରାଉତ, ଏସ୍ଏମ୍ସି ସଭାପତି ଶିବ ପ୍ରସାଦ ସାହୁ ଓ ମୋ ସ୍କୁଲ ସଭାପତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଭଲ ପାଠପଢି ଏହି ବିଦ୍ୟାଳୟର ନାମକୁ ଇତିହାସର ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ କରିବା ପାଇଁ ଚେଷ୍ଟା କରିବାକୁ ବିଧାୟକ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ କିରଣ କୁମାର ନନ୍ଦ ଏବଂ କ୍ରୀଡା ଶିକ୍ଷକ ରାଧାକାନ୍ତ ଗୁରୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ରାଜ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ଗୁଡାରି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଗୃହରକ୍ଷୀ ବାହିନୀ ନିୟୋଜିତ ଥିଲେ।

### ଖବରଦାତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ରାୟଗଡ଼ା,୨୦।୧(ଆଶିଷ ରଞ୍ଜନ ପଣ୍ଡା)

ଖବରଦାତା ତଥା ସାମାଜିକ କର୍ମୀ ଗଜମୋହନ ଗରଡିଆଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଏସ୍ପି ବିବେକାନନ୍ଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତା ଭାବେ ରାଜ୍ୟର ଜଣେ ବରିଷ୍ଠ ଖବରଦାତା ଭକ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ଗରଡିଆଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଖବରଦାତା, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ମିଳିତ ଭାବେ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କରରାଓ, ଅତିରିକ୍ତ ଏସ୍ପି ବିଷ୍ଣୁପ୍ରସାଦ ପାତ୍ର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସଭାପତି ବିନୋଦ ଚନ୍ଦ୍ର ପଣ୍ଡା, ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ, ଶିକ୍ଷାବିତ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ସ୍ୱେଚ୍ଛାସେବୀ ସନ୍ତୋଷୀ ସେନାପତି, ପ୍ରମୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋକସଭାକୁ ବରିଷ୍ଠ ଖବରଦାତା ବାଦଲ କୁମାର ତା, ରଞ୍ଜନ କୁମାର ରଥ, ଶିବାଜୀ ଦାସ, ସନ୍ତୋଷ ଦଳେଇ, ନିରଞ୍ଜନ ପାଳ, ଅଜୟ ରଥ ପ୍ରମୁଖ ପରିଚାଳନା କରିଥିଲେ।

### ମୁନିଗୁଡ଼ା କଲେଜରେ ବିଶ୍ୱ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ମୁନିଗୁଡ଼ା,୨୦।୧ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହୃଷୀକେଶ ଜାଲିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାରସ୍ୱତ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଖବରଦାତା, ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ମୁଖ୍ୟବକ୍ତା ଡା. ଗୌରାଙ୍ଗ ଚରଣ ରାଉତ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଡା. ରାଉତ ବିଶ୍ୱ ଦରବାରରେ ଜଗନ୍ନାଥ ସଂସ୍କୃତି କିପରି ପ୍ରଚାର ଓ ପ୍ରସାର ହୋଇ ଜଗନ୍ନାଥ ଚେତନାରେ ପରିବର୍ଦ୍ଧିତ ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ ଥିଲେ। ମୁଖ୍ୟ ଅତିଥି ସ୍ତମ୍ଭକାର ଦଳାଇ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିର ବିଶାଳ ବିଭବକୁ ଯଥା- ପ୍ରାଚୀନ ବାଲିଦ୍ୱୀପରୁ ଆରମ୍ଭକରି ଅତ୍ୟାଧୁନିକ ବିଶ୍ୱରେ ଓଡ଼ିଆଙ୍କ ପରିଚୟର ଅବତାରଣା ପ୍ରକାଶ କରିଥିଲେ। ଅଧ୍ୟକ୍ଷ ଜାଲି ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ନୂତନ, ଉନ୍ନତ ଓ ଅଭିଳଷିତ ଓଡ଼ିଶା ଗଢ଼ିବାରେ ପ୍ରକୃତ ବିନ୍ଧାଣି ହେଉଛନ୍ତି ପ୍ରତ୍ୟେକ ଛାତ୍ରୀଛାତ୍ର ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଓଡ଼ିଆ ହସ୍ତାକ୍ଷର ଲିଖନ, ବକ୍ତୃତା, ପ୍ରବନ୍ଧ, ଭଜନ,ଓଡ଼ିଆ ଗୀତ, ଭାଗବତ ଆବୃତ୍ତି, ଓଡ଼ିଆ ଖାଦ୍ୟ, ଓଡ଼ିଆ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଅଧ୍ୟାପକ ରଜନୀକାନ୍ତ ମିଶ୍ର ଓ ରମାକାନ୍ତ ଚିଂଚୁଆଣୀ ଉପସ୍ଥିତ ଥିଲେ।

# ରେଳଲାଇନ କାମ ଯୋଗୁ ଟ୍ରେନ୍ ବାତିଲ, ଦୁର୍ଦ୍ଦଶାରେ ଯାତ୍ରୀ


ରାୟଗଡ଼ା ରେଲଲାଇନ କାମ ଚାଲିଛି।


ଟ୍ରେନ୍ ବାତିଲ ଥିବାରୁ ଯାତ୍ରୀମାନେ ନିରାଶହୋଇ ଷ୍ଟେଶନରୁ ଫେରୁଛନ୍ତି।

ରାୟଗଡ଼ା,୨୦।୧ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ରେଳ ଷ୍ଟେଶନର ୧ ନମ୍ବର ପ୍ଲାଟ୍ଫର୍ମ ମରାମତି କାର୍ଯ୍ୟ ସହ ୩ୟ ରେଳଲାଇନ ନିର୍ମାଣ କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହୋଇଛି। ଆଗାମୀ ୨୮ ତାରିଖ ପର୍ଯ୍ୟନ୍ତ ରେଳଲାଇନ ନିର୍ମାଣ କାର୍ଯ୍ୟ ଚାଲିବ ବୋଲି ରେଳ ବିଭାଗ ସୂତ୍ରରୁ ଜଣାପଡିଛି। ରେଳଲାଇନ କାମ ଯୋଗୁ ଦିନ ସମୟରେ ରାୟଗଡ଼ା ଦେଇ ଯାତାୟାତ କରୁଥିବା ପ୍ରାୟ ସମସ୍ତ ଟ୍ରେନ ବାତିଲ କରାଯାଇଥିବା ବେଳେ କିଛି ଟ୍ରେନ୍ର ଗତିପଥ ପରିବର୍ତ୍ତନ କରାଯାଇଛି। ଟ୍ରେନ୍ ବାତିଲ ହେବା ନେଇ ବିଭାଗ ପକ୍ଷରୁ ଆଗୁଆ ସୂଚନା ଦିଆଯାଇ ନ ଥିବାରୁ ଦୂରଦୂରାନ୍ତରୁ ଯାତ୍ରୀମାନେ ଷ୍ଟେଶନ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ଅନେକ ଟ୍ରେନ ନିର୍ଦ୍ଧାରିତ ସମୟରେ ଚାଲଥିବା ପ୍ଲାଟ୍ଫର୍ମରେ ପ୍ରଦର୍ଶିତ ହେଉଥିଲେ ମଧ୍ୟ ରାତି ୧୧ଟା ପୂର୍ବରୁ କୌଣସି ଟ୍ରେନ ନାହିଁ ବୋଲି ଟିକେଟ କାଉଣ୍ଟରରେ କୁହାଯାଉଛି। ଏହାକୁ ନେଇ ଯାତ୍ରୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଯାତ୍ରୀ ଜିତେନ୍ଦ୍ର ଖୋସଲା କହିଛନ୍ତି, ଦିନରେ ବିଶାଖାପାଟଣା ମେଡିକାଲ କାମ ନେଇ ଯିବାକୁ ବାହାରିଥିଲୁ, ହେଲେ କୌଣସି ଟ୍ରେନ ନ ପାଇ ଅନେକ ହଇରାଣ ହେଉଛୁ। ଅନ୍ୟପକ୍ଷେ ଯାତ୍ରୀମାନେ ବାଧ୍ୟହୋଇ ଅଧିକ ଟଙ୍କା ଦେଇ ବସ୍ରେ ଟିକେଟ ବୁକିଂ

**ଫାଇଦାରେ ବସ୍ ମାଲିକ, ଚଢ଼ା ଦର ଟିକେଟ**

କରିଥିବା ଦେଖିବାକୁ ମିଳିଛି। କେତେଜଣ ଲୋକଙ୍କୁ ବସ୍ରେ ମଧ୍ୟ ଟିକେଟ ନ ମିଳିବାରୁ ସେମାନେ ରାତି ୧୧ଟା ପର୍ଯ୍ୟନ୍ତ ହୀରାଖଣ୍ଡ ଏକ୍ସପ୍ରେସ୍କୁ ଅପେକ୍ଷା କରିଥିଲେ। ଟ୍ରେନ୍ ବାତିଲ ଥିବାରୁ ଏହାର ଫାଇଦା ନେଉଛନ୍ତି ବସ୍ କର୍ମଚାରୀ। ବସ୍ ଟିକେଟ ଚଢ଼ା ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି।

ତୃତୀୟ ରେଳଲାଇନ କାର୍ଯ୍ୟ ଚାଲୁଥିବାରୁ ବିଭିନ୍ନ ରେଳ ସେବା ପ୍ରଭାବିତ ହୋଇଛି। ସମତା ଏକ୍ସପ୍ରେସ୍, ଇଣ୍ଟରସିଟି, ରାୟପୁର ବିଶାଖାପାଟଣା, ଡିଏମ୍ୟୁ, ରାଉରକେଲା ଏକ୍ସପ୍ରେସ୍, ସମଲେଶ୍ୱରୀ ଏକ୍ସପ୍ରେସ୍ ରାୟଗଡ଼ା ଷ୍ଟେଶନକୁ ନ ଆସି ଥେରୁବାଲିରୁ ସିଧା କେଉଟଗୁଡା ହୋଇ ଯିବାର ବ୍ୟବସ୍ଥା ହୋଇଛି। ସେହିପରି ଜୁନାଗଡ଼ ଏକ୍ସପ୍ରେସ୍ ଭାୟା ଟିଟିଲାଗଡ଼ ଦେଇ ଯିବ। ପୁରୀ-ଅହମ୍ମଦାବାଦ, ଗାନ୍ଧୀଧାମ ଟ୍ରେନ୍ ରୁଟ୍ ପରିବର୍ତ୍ତନ କରାଯାଇଛି। ରାତି ୧୧ରେ ଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ପ୍ରତିଦିନ ଭଳି ଚଳାଚଳ କରିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୮ ତାରିଖ ପର୍ଯ୍ୟନ୍ତ ରେଳ ସେବା ବାଧାପ୍ରାପ୍ତ ହେବ ବୋଲି ରାୟଗଡ଼ା ଷ୍ଟେଶନ ମାଷ୍ଟର ପରମାନନ୍ଦ ବିଡ଼ିକା କହିଛନ୍ତି।

## 'ମୋ କଥା ମୋ କାହାଣୀ' ଉତ୍ସବ

ରାୟଗଡ଼ା,୨୦।୧(ଆଶିଷ ରଞ୍ଜନ ପଣ୍ଡା)

ମାଟିକଣା ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ 'ମୋ କଥା ମୋ କାହାଣୀ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଲକୃଷ୍ଣ ମିଶ୍ର ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଆର୍ସିସି, ବହୁ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଅତିଥିମାନେ ବିଦ୍ୟାଳୟରେ ଆୟୋଜିତ ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା, କୌଶଳୀ ଓ ପୁସ୍ତକ ମେଳା ବୁଲି ଦେଖିଥିଲେ। ତନ୍ମଧ୍ୟରୁ ଉଚ୍ଚକୋଟୀର ହୋଇଥିବା ପ୍ରତି କ୍ଲବରୁ ଜଣକୁ ବିଜୟୀ ରୂପେ ଚୟନ କରିଥିଲେ। ଏହାପରେ ସାହିତ୍ୟ ସୃଜନୀ ତରଫରୁ ଗଳ୍ପ ପଠନ, କବିତା, ଆବୃତ୍ତି ପ୍ରଭୃତି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ୪ଟି ହାଉସ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହାପରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ବେହେରା ସଂଯୋଜନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ

**ମାଗଣା ପଢ଼ିବେ ୩୬୦ ଆଦିବାସୀ ଛାତ୍ରୀଛାତ୍ର**

ରାୟଗଡ଼ା/ଟିକିରି, ୨୦।୧ (ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)



କାର୍ଯ୍ୟକ୍ରମରେ ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଜୁଏଲ୍ ଓରାମ ଓ ଅନ୍ୟମାନେ।

ରାୟଗଡ଼ା ଜିଲା କାଶୀପୁର ସଦର ମହକୁମା ଏସିଡିସି ଫାର୍ମ ନିକଟରେ ଶନିବାର ୩୬୦ ଜଣ ଜନଜାତି ଛାତ୍ରୀଛାତ୍ରଙ୍କ ପାଠ ପଢ଼ିବା ନିମନ୍ତେ ପ୍ରସ୍ତାବିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏବଂ ସୁନ୍ଦରଗଡ଼ ଲୋକ ସଭା ସଦସ୍ୟ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମଞ୍ଚାସୀନ ଥିଲେ। ୩୬୦ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ନିର୍ମାଣ ନିମନ୍ତେ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ଏହି ବିଦ୍ୟାଳୟ ସ୍ଥାପନ ହେବା ଦ୍ୱାରା ଅଞ୍ଚଳର ଅବହେଳିତ ଓ ନିଷ୍ପେଷିତ ଆଦିବାସୀ ସମ୍ପ୍ରଦାୟର ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ। ସେହିପରି ଏହି କାର୍ଯ୍ୟକ୍ରମରେ ସରକାରଙ୍କ ସମ୍ପୂର୍ଣ୍ଣ ଅନୁଦାନରେ ୬ଷ୍ଠରୁ ୧୨ମ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନତମାନର ଶିକ୍ଷା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଦିବାସୀ ସମ୍ପ୍ରଦାୟର ଛାତ୍ରୀଛାତ୍ର ଶିକ୍ଷିତ ହେଲେ ସେମାନଙ୍କ ଜୀବନ ଜୀବିକାରେ ମଧ୍ୟ ନିଶ୍ଚିତ ପରିବର୍ତ୍ତନ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଟୁଡୁ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକ ସଭା ସଦସ୍ୟ ଓରାମ ଏବଂ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଆଦିବାସୀମାନଙ୍କୁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିକାଶ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ବିଭାଗୀୟ ସରକାରୀ ଅଧିକାରୀଙ୍କ ମଧ୍ୟରେ ପି. ଏ. ଆଇଟି ଦିଲୀପ କୁମାର ବେହେରା, ଜିଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ନବୋଦୟ ପ୍ରବେଶିକା ପରୀକ୍ଷା

ଗୁଡ଼ାରି,୨୦।୧ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ଗୁଡ଼ାରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଚଳିତ ବର୍ଷର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ମୋଟ ୨୮୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୪୮ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ସୂଚନା ମିଳିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ତୁଲାଇ ଥିବାବେଳେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ରିପୋର୍ଟିଂ ଅଫିସର ଓ ନବୋଦୟ ବିଦ୍ୟାଳୟର



ବିଭାଗୀୟ କର୍ମଚାରୀ ସୁରେନ୍ଦ୍ର କୁମାର ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଥିଲେ। କେଉଁ ପରିସ୍ଥିତିରେ ୪୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଲେ ସେ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବଗତ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

## ପଦ୍ମପୁରରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ



ପଦ୍ମପୁର, ୨୦।୧ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁରରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମ ଦିବସରେ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଦୀକ୍ଷା ଗ୍ରହଣ ପରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଲୋକନୃତ୍ୟ, ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ବହୁ ମହିଳା ପୁରୁଷ ଖମାପଦର ନାଳରୁ ଜଳ ସଂଗ୍ରହକରି ଶୋଭାଯାତ୍ରାରେ ପଦ୍ମପୁର ସହର ପରିକ୍ରମାକରି ମନ୍ଦିର ନିକଟରେ ପହଞ୍ଚିଥିଲେ। ମନ୍ଦିରରେ କଳସ ସ୍ଥାପନ ପରେ ସନ୍ଧ୍ୟାରେ ମଣ୍ଡଳ ବିନ୍ୟାସ, ଅଙ୍କୁରାରୋପଣ ବିଧି ଅନୁଷ୍ଠିତ ହୋଇଛି। ଦ୍ୱିତୀୟ ଦିବସରେ ପ୍ରଦୀପ ସ୍ଥାପନା, ବ୍ରାହ୍ମଣବରଣ, ଅର୍ଘ୍ୟ ସଂସ୍କାର, ସୂର୍ଯ୍ୟପୂଜା, ଗୋପୂଜା,ବୈଷ୍ଣବ ଅଗ୍ନି ସ୍ଥାପନ,ଦେବତା ଧ୍ୟାନ ଅଧିବାସ ଆଦି ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବିଷ୍ଣୁପ୍ରସାଦ ଦାଶ ଶର୍ମାଙ୍କ ପୌରୋହିତ୍ୟରେ ସାଥୀ ପୂଜକ ଓ ନୃସିଂହ ପ୍ରସାଦ ସାମନ୍ତରାୟ ଏବଂ କର୍ତ୍ତା ରୂପେ ରାଧାନାଥ ପାଣିଗ୍ରାହୀ ପୂଜା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆଗାମୀ ୨୧ ତାରିଖ ମଧ୍ୟରାତ୍ରରେ ପ୍ରାଣ ପ୍ରତିଷ୍ଠା ଓ ୨୨ ତାରିଖରେ ନଗର ପରିକ୍ରମା ସହ ମନ୍ଦିର ବିଜେ ନୀତି ଅନୁଷ୍ଠିତ ହେବା ନେଇ ମନ୍ଦିର ପରିଚାଳନା କମିଟି ସଭାପତି ସରୋଜ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପ୍ରତିଷ୍ଠା ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହେଉଛି।

## ଯୁବପିଢ଼ି ନିଶାଠାରୁ ଦୂରେଇ ରହିବାକୁ ସଚେତନ କରିବ ରଥ

ରାୟଗଡ଼ା,୨୦।୧(ଆଶିଷ ରଞ୍ଜନ ପଣ୍ଡା)

ଉତ୍କଳ ମିଡିଆ ସାମ୍ବାଦିକ ସଂଘ ତରଫରୁ ରାୟଗଡ଼ା ବ୍ଲକ ହାଲୁଆ ପଞ୍ଚାୟତରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଯୁବପିଢ଼ିଙ୍କଠାରୁ ଆରମ୍ଭକରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ନିଜକୁ ନିଶା କବଳରେ ହଜେଇ ସାରିଲେଣି। ଏହାଦ୍ୱାରା ସମାଜରେ ବିଭିନ୍ନ ବିଶୃଙ୍ଖଳା ଦେଖାଦେଉଛି। ନିଶା ସେବନ ଦ୍ୱାରା ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟିହେବା ସହ ଆର୍ଥିକ ସମସ୍ୟା ଦେଖାଦେଉଛି। ନିଶା ସେବନ କରୁଥିବା ବ୍ୟକ୍ତି ମାରାତ୍ମକ ରୋଗ ବିଶେଷକରି କ୍ୟାନ୍ସର ଓ ଅନ୍ୟ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହିଭଳି କିଛି ସଚେତନତା ବାର୍ତ୍ତା ନେଇ ଏକ ସଚେତନତା ରଥ ଶନିବାରଠାରୁ ହାଲୁଆ ପଞ୍ଚାୟତରୁ ଶୁଭାରମ୍ଭ ହୋଇଛି। ଉକ୍ତ ରଥ ତଳସାଙ୍କେଶୁ, କଲିଙ୍ଗି, ଉପର ସଙ୍କେଶୁ, କୋଡାପାଡୁ, ଜାମୁଲିମା, ଜମ୍ଭୁ, କଡ଼ାପାଡି, କପାଖାଲ, ଗୌଡ଼ବଡାଗୁଡା, କଡ଼ିଙ୍ଗଗୁଡା, ତଳଗୁରୁଠି, ଟିକରପଡ଼ା, ଗୁରୁଠିଗୁଡ଼ା, ହାଲୁଆ, ବାରିଖୋଲା ଆଦି ଗ୍ରାମରେ ୨ ଦିନ ପରିକ୍ରମା କରିବ। ଏହି ଅବସରରେ ସଂଘର ଜିଲା ସଭାପତି ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ରାୟଗଡା ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ହାଲୁଆ ପଞ୍ଚାୟତ ସରପଞ୍ଚ ତାମାରାଓ ବିଡ଼ିକା, ଆଦିବାସୀ ମହାସଂଘ ସଭାପତି ଆପଲାସ୍ୱାମୀ କାଡ୍ରାକା, ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ରାୟଗଡା ବିଡିଓ ଅମୂଲ୍ୟ କୁମାର ସାହୁ, ଅବକାରୀ ସବ୍ଇନ୍ସପେକ୍ଟର ସଞ୍ଜୟ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ, ଉତ୍କଳ ଆଲୁମିନା କାରଖାନାର ଲୋକ ସମ୍ପର୍କ ଅଧିକାରୀ ତନ୍ମୟ ମହାନ୍ତି, କାଉନସିଲର ଶ୍ରମିତା ପାଢ଼ୀ ପ୍ରମୁଖ ସବୁଜ ପତାକା ଦେଖାଇ ନିଶା ନିବାରଣ ସଚେତନତା ରଥର ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ଉପଦେଷ୍ଟା ସରୋଜ କୁମାର ସାହୁ, ସମ୍ପାଦକ ମନୋଜ କୁମାର ସାହୁ, ହରି ନାରାୟଣ ଦାସ, ରହିତ ଜେନା ସହଯୋଗ କରିଥିଲେ।


ଅତିଥିମାନେ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

## ଜିଲାର ୬୦ଟି ୫-ଟି ସ୍କୁଲକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ବିଷମ କଟକ,୨୦।୧(ବିଭୂତି ଭୂଷଣ ନାୟକ)

୫ଟି ସ୍କୁଲ ରୂପାନ୍ତରଣର ଚତୁର୍ଥ ପର୍ଯ୍ୟାୟରେ ତୃତୀୟ ଦିନରେ ଶନିବାର ରାୟଗଡ଼ା ଜିଲାରେ ୬୦ଟି ରୂପାନ୍ତରିତ ହାଇସ୍କୁଲର ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ବିଷମକଟକ ବ୍ଲକ ଅନ୍ତର୍ଗତ ଆରସାକାନି ବିଦ୍ୟାଳୟ ପରିସରରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା,ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡା ଜିଲାପାଳ ସ୍ୱାଧାଦେବ ସିଂ ମଞ୍ଚାସୀନ ଥିଲେ। ଜିଲା ପରିଷଦ ସଭାପତି ସରସ୍ୱତୀ ମାଝୀ, ସୁଧୀର ଦାସ, ପି ଗୌରୀ ଶଙ୍କର, ପିଡି ନିହାର ରଞ୍ଜନ କହଁର, ଶାନ୍ତିଲତା ପ୍ରଧାନ ଓ ସମସ୍ତ ବ୍ଲକ୍ର ବିଡିଓ, ଶିକ୍ଷା ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ରୂପାନ୍ତରିକରଣ କାର୍ଯ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଗୋଡିଗୁଡା ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଗୁପ୍ତେଶ୍ୱର ନାଗ ନିଜର ବକ୍ତବ୍ୟ କହିଥିଲେ। ଉତ୍ସବରେ ଲୋକାର୍ପଣ ହୋଇଥିବା ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ରାୟଗଡ଼ା ଜିଲାର ମୋଟ ୧୮୨ଟି ସ୍କୁଲ ରୁପନ୍ତିକରଣ ହୋଇସାରିଛି।


ଆରସାକାନି ବିଦ୍ୟାଳୟରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## 'ଶାବର ସଂସ୍କୃତିରେ ଶ୍ରୀ ଜଗନ୍ନାଥ' ଶୀର୍ଷକ ପାଠଚକ୍ର

ଗୁଣପୁର,୨୦।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ମହାବିଦ୍ୟାଳୟରେ ଶନିବାର ନୂଆ-ଓ ଓଡ଼ିଆ ସାହିତ୍ୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଶଶୀଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ। 'ଶାବର ସଂସ୍କୃତିରେ ଶ୍ରୀ ଜଗନ୍ନାଥ' ଓ 'ଉତ୍କଳୀୟ ସଂସ୍କୃତି ଓ ଧର୍ମ ଦର୍ଶନରେ ଶ୍ରୀ ଜଗନ୍ନାଥ' ଶୀର୍ଷକ ବିଷୟବସ୍ତୁକୁ ନେଇ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏଥିରେ ବିଷୟ ବିଶେଷଜ୍ଞ ଭାବରେ ଡକ୍ଟର. ଇନ୍ଦିରା ଅଧିକାରୀ, ଅଧ୍ୟାପକ ଶେଷସାୟୀ ସେନାପତି ଓ ପ୍ରାଧ୍ୟାପକ ଡ. ଜୱାହରଲାଲ ଚୌଧୁରୀ ଯୋଗଦେଇ ପ୍ରବନ୍ଧ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନା କରିଥିଲେ। ଅଧ୍ୟାପକ ଜଗନ୍ନାଥ ଦୀପ ତଥା କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଧାପକ ଡ. ସୂର୍ଯ୍ୟନାରାୟଣ ପଣ୍ଡା, ଅଧ୍ୟାପକ ଅମିୟ ରଞ୍ଜନ ମହାନ୍ତି, ବନ୍ଦିତା ଧୁରୁଆ, ଦୀପ୍ତିମୟୀ ବଡ଼ରଇତ, ଡ. ସତ୍ୟବାନ ଗରଡ଼ା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଜଗନ୍ନାଥ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସରକାରୀ ଯୋଜନାର ପ୍ରଚାର ପ୍ରସାର ଲକ୍ଷ୍ୟ

**ଲୋକକଳା କଳାକାରଙ୍କ ପ୍ରଥମ ପର୍ଯ୍ୟାୟ କର୍ମଶାଳା**

ରାୟଗଡା,୨୦।୧ (ଭାଗ୍ୟଶ୍ରୀ ମିଶ୍ର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟର ସଭାଗୃହଠାରେ ବ୍ଲକସ୍ତରୀୟ ଲୋକକଳା କଳାକାରଙ୍କ ପ୍ରଥମ ପର୍ଯ୍ୟାୟ କର୍ମଶାଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତି ରାଜୀବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ସରକାରଙ୍କ ୧୫ଟି ଜନହିତକର ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି , ଓଡିଶା ଆଦର୍ଶ ବିଦ୍ୟାଳୟ ଯୋଜନା,ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି ଓ ଲକ୍ଷ୍ମୀ ବସ୍ ଆଦି ଯୋଜନାକୁ ନେଇ ଲୋକକଳା କଳାକାରଙ୍କ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ଜଣାପଡ଼ିଛି। ଏହି କର୍ମଶାଳାରେ ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ଗୋଷ୍ଠୀ କୃଷି ଅଧିକାରୀ ସୁଜିତ କୁମାର ପାଢ଼ୀ, ସ୍ୱାସ୍ଥ୍ୟ ବିଭାଗର ବିପିଏମ କୈଳାସ କୁମାର ନାୟକ, ସମାଜସେବୀ ସୁନ୍ଦର ରାଓ ବାଘ, ଜିଲା ସଂସାଧନ କର୍ମୀ ଗଗନ ବିହାରୀ ସ୍ୱାଇଁ, କଲ୍ୟାଣସିଂହପୁର ବ୍ଲକ ତଥା ରାୟଗଡ଼ା ଜିଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବଛା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ସିଂହ ସାମନ୍ତ ମଞ୍ଚାସୀନ ଥିଲେ। ଶିଶୁ ବିକାଶ ସମନ୍ୱିତ ପ୍ରକଳ୍ପ ବିଭାଗର ସୁପରଭାଇଜର ବି. ଜୟା ଲକ୍ଷ୍ମୀ, ବିପିସି ମିଶନ ଶକ୍ତି ପ୍ରିୟଙ୍କା ପ୍ରିୟଦର୍ଶନୀ ମୂଳିଆ, ବିପିଏମ (ଓଏଲଏମ ) ଅବଦୁଲ ଫିଦା କରିମ, ବ୍ଲକ ମଙ୍ଗଳ ବିଭାଗର ସହାୟକ ଧାର୍ମା କାଡ୍ରାକା ଉପସ୍ଥିତ ରହି ନିଜ ନିଜ ବିଭାଗ ସମ୍ପର୍କିତ ଯୋଜନା ବିଷୟରେ ଜଣେଇଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଲୋକକଳା ଦଳ ମୁଖ୍ୟ ଓ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ରହିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ବିଭାଗର ଜୁନିଅର୍ ଆସିଷ୍ଟାଣ୍ଟ ଦୟାନିଧି ବାତ୍ରା ପରିଚାଳନା କରିଥିଲେ।

**ଲାୟନ ଡ଼.ଜି ବସନ୍ତ ରାଓଙ୍କୁ ଗୋଲଡ ପ୍ରେସିଡେଣ୍ଟ ସମ୍ମାନ**

ଜୟପୁର,(ପବନ ପାଣିଗ୍ରାହୀ)-କୋରାପୁଟ ଜିଲାର ପ୍ରତିଷ୍ଠିତ ବ୍ୟବସାୟୀ ଲାୟନ ଡ଼. ଜି.ବସନ୍ତ ରାଓଙ୍କୁ ଭୁବନେଶ୍ୱର ସ୍ଥିତ ଲାୟନସ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୋଲଡ଼ ପ୍ରେସିଡେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଡ଼. ରାଓଙ୍କୁ ସହରବାସୀ ଶୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଲାୟନ ଇଂ. ସୁରେଶ ଚନ୍ଦ୍ର ନାୟକ, ଇଂ.ଦିଲୀପ ଦାସ, ନିକୁଞ୍ଜ ଛୋଟରାୟ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ହରିହର ଦାସ, ମେଜର ବିଏନ ପଟ୍ଟନାୟକ, ପୂର୍ବତନ ଲାୟନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବୈଠକ

ନନ୍ଦପୁର, ୨୦।୧(ଶଙ୍କର ପୂଜାରୀ)

ଜାନୁଆରୀ ୨୬ରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତହସିଲଦାର ଅନାଦି ଚରଣ ସାହୁ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା ବିଧାୟକ ପ୍ରତିନିଧି ଗୋପାଳକୃଷ୍ଣ ବେବର୍ତ୍ତା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଜଗନ୍ନାଥ ପାଙ୍ଗୀ, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ନନ୍ଦପୁର ବ୍ଲକ ସଦର ମହକୁମା ସ୍ଥିତ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ପ୍ରଭାତ ଫେରି, ପତାକା ଉତ୍ତୋଳନ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ସମ୍ପର୍କରେ ଆଲୋଚନା କରିଥିଲେ। ଜିପିଇଓ ବେଦାନ୍ତ ମାଝି ଓ ଅର୍ଜ୍ଜୁନ ମାଝି ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ମେମୋରିଆଲ ଟ୍ରଷ୍ଟ ବୈଠକ

ଜୟପୁର, ୨୦।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ମେମୋରିଆଲ ଟ୍ରଷ୍ଟର ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ନାମରେ ଏହି ଟ୍ରଷ୍ଟ ୨୦୦୮ରେ ଲକ୍ଷ୍ମୀଙ୍କ ମୃତ୍ୟୁ ପରେ



୨୦୦୯ରେ ଗଠିତ ହୋଇଥିଲା। ଏହି ଟ୍ରଷ୍ଟ ଦୀର୍ଘ ବର୍ଷ ଧରି କୋରାପୁଟ ଜିଲାରେ ଗରିବ, ଅସହାୟ, ବୃଦ୍ଧା ବୃଦ୍ଧମାନଙ୍କୁ ସହାୟତା କରି ଅସୁଛି। ଜିଲାର ଉପାନ୍ତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ନାରୀ ମାନଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ କରୁଛି। ଶନିବାର ଟ୍ରଷ୍ଟର ଡାଇରେକ୍ଟର ଶୁଭାଶିଷ ନାୟକ ଏବଂ ପ୍ରବୀଣ ରାଜ ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ହୋଇଥିଲା। ସମ୍ପାଦକ ଡେବିଡ୍ ଦୀନବନ୍ଧୁ, କୋଷାଧ୍ୟକ୍ଷ ଟିଙ୍କି କୁମାରୀ ସୁନା, ଯୋଗେନ୍ଦ୍ର ସିଂ, ଅନିତା କଟିଆ, ମନିତା ନାୟକ, ଜୟନ୍ତୀ ବିଷୟୀ, ନମିତା ଖରା, ପିଙ୍କି ହରିଜନ, ସୁଶିଳା ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ କିପରି ବିଭିନ୍ନ ପ୍ରକାରର ଉନ୍ନତମୂଳକ କାର୍ଯ୍ୟ ହାତକୁ ନେବ ଏବଂ କିପରି ଭାବେ ଅଗ୍ରଗତି କରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ସାମାଜିକ ସଚେତନତା, ଡିଜିଟାଲ ଶିକ୍ଷା, ବିଭିନ୍ନ ପ୍ରକାର ମାଗଣା ତାଲିମ୍ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ପରିବେଶ ସହ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ

- ପୂର୍ବଘାଟ ପର୍ବତମାଳାରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶୀର୍ଷକ ସମ୍ମିଳନୀ
- ସ୍ଥାନୀୟ ଲୋକଙ୍କୁ ରୋଜଗାର, ପରିବେଶ ସୁରକ୍ଷା ଓ ସଂରକ୍ଷଣ ହୋଇପାରିବ

କୋରାପୁଟ.୨୦।୧(ଅମିତାଭ ବେହେରା)

ପୂର୍ବଘାଟ ପର୍ବତମାଳା ଅଞ୍ଚଳରେ ପରିବେଶ ପର୍ଯ୍ୟଟନର ବିକାଶ ଦ୍ୱାରା ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବା ସହ ପରିବେଶ ସୁରକ୍ଷା ଓ ସଂରକ୍ଷଣ ସମ୍ଭବ ବୋଲି କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ପ୍ରକାଶ କରିଛନ୍ତି। ଶନିବାର କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମଠାରେ ଆୟୋଜିତ 'ପୂର୍ବଘାଟ ପର୍ବତମାଳା ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ପ୍ରଭାବ' ଶୀର୍ଷକ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏମ୍‌ପି ଉଲ୍ଲାକା ଏହା କହିଛନ୍ତି। ସେ କହିଛନ୍ତି ଯେ, ଅର୍ଥନୈତିକ ଅଭିବୃଦ୍ଧି ଏବଂ ରୋଜଗାର ସୃଷ୍ଟି ପାଇଁ ଖଣି ଖନନ କେବେ ଏକ ମାଧ୍ୟମ ହେବା ଉଚିତ ନୁହେଁ। ପରିବେଶ ପର୍ଯ୍ୟଟନର ବିକାଶ ହେଲେ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସହ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରିବ। ନେଚର କେୟାର ଇନିସିଏଟିଭ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀକାନ୍ତ ଶେଖର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ



ସମ୍ମିଳନୀରେ ଏମ୍‌ପି ସପ୍ତଗିରି ଉଲ୍ଲାକା ବକ୍ତବ୍ୟ ରଖୁଛନ୍ତି।

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରଫେସର ଶରତ ପଲିତା ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱର ଜଳବାୟୁ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଥିବାରୁ ପରିବେଶ ସନ୍ତୁଳନରେ ଅସାମାନତା ଦେଖାଯାଉଛି। ପରିବେଶରେ ଏଥିଯୋଗୁ କେବଳ ମଣିଷ ନୁହେଁ, ସରୀସୃପ, ପକ୍ଷୀ , କୀଟପତଙ୍ଗଙ୍କ ସମେତ ସମସ୍ତ ଜୀବଜଗତ ପ୍ରଭାବିତ ହେଉଛନ୍ତି। ଜଳବାୟୁ ପରିର୍ତ୍ତନ ହେତୁ ଗତ କିଛି ବର୍ଷ ମଧ୍ୟରେ ଘଞ୍ଚ ଜଙ୍ଗଲ ୧୫.୮ ପ୍ରତିଶତ ହ୍ରାସ ପାଇଛି। କୋରାପୁଟ ଜିଲାରେ ପୂର୍ବରୁ ୭୫୦ ପ୍ରକାରରୁ ଉର୍ଦ୍ଧ୍ୱ ଧାନ ଅମଳ ହେଉଥିବାବେଳେ ଏବେ ମାତ୍ର ୩୫୦ ପ୍ରକାର ଧାନ ଅମଳ ହେଉଛି ବୋଲି ପାଲିତା ଉଦାହରଣ ଦେଇ କହିଥିଲେ। ସମ୍ମାନିତ ଅତିଥିଭାବେ ପରିବେଶବିତ୍ ବିଭୂତି ଭୂଷଣ ପତି ଯୋଗଦେଇ ମହିଳା ଓ ଶିଶୁ ଜଳାବାୟୁ ପରିବର୍ତ୍ତନରେ ସର୍ବାଧିକ ପ୍ରଭାବିତ ହୋଇଥାନ୍ତି ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ଏସିଏଫ ଶୁଭଦର୍ଶନୀ ମହାନ୍ତିକହିଲେ, ପରବର୍ତ୍ତୀ ପିଢ଼ିଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜଙ୍ଗଲ ବ୍ୟବହାର ହେବା ଦରକାର। ଜୈବ ବିବିଧତା ରକ୍ଷା କରିବାକୁ ହେଲେ ସ୍ୱଦେଶୀ କିସମର ଚାରାରୋପଣ ଦ୍ୱାରା ଜଙ୍ଗଲ କ୍ଷୟକୁ ରୋକାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ । ଏହି ସମ୍ମିଳନୀରେ କୋରାପୁଟ ଜିଲାର ଟ୍ରିମ୍ୟାନ ଭାବେ ପରିଚିତ ରବିନ୍ଦ୍ର ରଣାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୀନ କେତନ ବେହେରା ସ୍ୱାଗତ ସୂଚନା ଦେଇଥିଲେ। ଓମ ପ୍ରକାଶ ଗୁରୁ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର, ପରିବେଶ ପ୍ରେମୀ ଉପସ୍ଥିତ ଥିଲେ।

# ୨୯ ରୁଢ଼ିଚୁଆଁବାସୀଙ୍କୁ ଜଙ୍ଗଲ ଜମିପଟ୍ଟା


ଜଣେ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଉଛି।

ନନ୍ଦପୁର, ୨୦।୧(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ତହସିଲ ଅଧୀନରେ ଥିବା ଦୁର୍ଗମ କସନ୍ଦି ପଞ୍ଚାୟତର ରୁଢ଼ିଚୁଆଁ ଗ୍ରାମରେ ବସବାସ କରୁଥିବା ୨୯ ପରିବାରକୁ ନନ୍ଦପୁର ତହସିଲ ପକ୍ଷରୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଶନିବାର ଏନେଇ ରୁଢ଼ିଚୁଆଁ ଗ୍ରାମରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ତହସିଲଦାର ଅନାଦି ଚରଣ ସାହୁ, କସନ୍ଦି ସରପଞ୍ଚ ନବୀନା ମୁଦୁଲି, ୱାର୍ଡସଭ୍ୟ କମଳା ହନ୍ତାଳ ପ୍ରମୁଖ ଯୋଗଦେଇ ଗ୍ରାମର ଲକ୍ଷ୍ମଣ ଖରା, ବଳଭଦ୍ର ପାଙ୍ଗୀ, ରାଜୁ ପାଙ୍ଗୀ ସୀତାରାମ ପାଙ୍ଗୀ, ଜଗନ୍ନାଥ ପାଙ୍ଗୀ, ମୁକ୍ତା ପାଙ୍ଗୀ , ରେଲି ଖରା, ଜୟସେନ୍ ହନ୍ତାଳଙ୍କ ସମେତ ୨୯ ହିତାଧିକାରୀଙ୍କୁ ମୋଟ ୧୫ ଏକର ୫୦ ସେଣ୍ଟ ପରିମାଣର ଅଣ ସଂରକ୍ଷିତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ଏହି ହିତାଧିକାରୀମାନେ ଦୀର୍ଘଦିନ ହେଲା ଜଙ୍ଗଲ ପାର୍ଶ୍ୱ ଜମିରେ ଘର କରି ବସବାସ କରୁଥିଲେ। ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପ୍ରକ୍ରିୟା ନନ୍ଦପୁର ବ୍ଲକର ୨୩ ପଞ୍ଚାୟତରେ ଜାରି ରହିଛି। ଏଥିପାଇଁ ଗଠିତ ଏଫ୍‌ଆର୍‌ଏ କମିଟି ଗ୍ରାମ ଗ୍ରାମ ବୁଲି ସର୍ଭେ କରିବା ସହ ଜଙ୍ଗଲ ଅଧିକାର କମିଟି ଗଠନ କରି ହିତାଧିକାରୀ ଚୟନ କରୁଥିବା ତହସିଲଦାର କହିଛନ୍ତି। ରୁଢ଼ିଚୁଆଁରେ ଏଫ୍‌ଆର୍‌ଏ ସଂଯୋଜକ ମଧୁସୂଦନ ଖେମୁଣ୍ଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାମ ନାମ ଲେଖି ଚର୍ଚ୍ଚାରେ ବ୍ରଜ କିଶୋରୀ

ଜୟପୁର,୨୦।୧(ପବନ ପାଣିଗ୍ରାହୀ)

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ନେଇ ସାରା ଦେଶ ଏବେ ଉତ୍ସବମୁଖର ହୋଇଉଠିଛି। ମନ୍ଦିର ପ୍ରତିଷ୍ଠା ପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦେଶର ବିଭିନ୍ନ ରାଜ୍ୟରେ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି।

କୋରାପୁଟ ଜିଲା ଜୟପୁରରେ ମଧ୍ୟ ଜଣେ ମହିଳା ଲକ୍ଷାଧିକ ସଂଖ୍ୟାରେ ରାମ ନାମ ଲେଖି ଏବେ ଚର୍ଚ୍ଚାକୁ ଆସିଛନ୍ତି। ସେ ହେଲେ ସହରର ପୋଷ୍ଟାଲ୍ ଗଳିରେ ରହୁଥିବା ବ୍ରଜ କିଶୋରୀ ସାହୁ। ବୟସ ୭୨ ଟପିଥିଲେ ମଧ୍ୟ ସେ ସର୍ବଦା ରହିଛନ୍ତି ଚଳଚଞ୍ଚଳ। ପ୍ରଭୁ ଶ୍ରୀରାମଙ୍କ ନାମ ଲେଖି ସେ ପାଉଛନ୍ତି ଆତ୍ମସନ୍ତୋଷ।



ଅଯୋଧ୍ୟାରେ ଶ୍ରୀରାମଙ୍କ ମନ୍ଦିର ସମ୍ପୂର୍ଣ୍ଣ ହେଲେ ସେ ଲେଖିଥିବା ଶ୍ରୀରାମ ନାମ ପୁସ୍ତକକୁ ଅଯୋଧ୍ୟା ରାମ ମନ୍ଦିରରେ ପ୍ରଦାନ କରିବେ ବୋଲି ଆଶା ରଖିଛନ୍ତି ବ୍ରଜକିଶୋରୀ। ଦୀର୍ଘ ୨୦ବର୍ଷ ହେଲାଣି ଏପରି ରାମ ନାମ ଲେଖିବା ଜାରି ରଖିଛନ୍ତି। ପୂର୍ବରୁ ୨୫ଲକ୍ଷ ଶ୍ରୀରାମ ନାମ ୫୫ଟି ଖାତାରେ ଲେଖି ୨୦୨୦ରେ ଆନ୍ଧ୍ରପ୍ରଦେଶ ଭଦ୍ରାଚଲମ୍‌ରେ ଥିବା ଶ୍ରୀରାମଙ୍କ ମନ୍ଦିରରେ ପ୍ରଦାନ କରିଛନ୍ତି ସେ। ପ୍ରତିଦିନ ନିଜ ଦୈନନ୍ଦିନ କାର୍ଯ୍ୟ ସାରି ସକାଳ ୯ରୁ ଦିନ ଗୋଟାଏ ଯାଏ ଏପରି ଶ୍ରୀରାମ ନାମ ଲେଖନ୍ତି ବୋଲି ବୋଲି କହନ୍ତି ସେ।

## ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଜୟପୁରରେ ଆଧ୍ୟାତ୍ମିକ ପରିବେଶ

ଜୟପୁର,୨୦।୧(ପବନ ପାଣିଗ୍ରାହୀ)

ଅଯୋଧ୍ୟାଠାରେ ଶ୍ରୀରାମଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ନେଇ ଜୟପୁର ସହର ଉତ୍ସବମୁଖର ହୋଇଉଠିଛି। ଶନିବାର ପ୍ରାତଃରେ ସମନ୍ତରାସାହିଠାରୁ ଏକ ସଂକୀର୍ତ୍ତନ ମଣ୍ଡଳୀ ବାହାରି ସହର ପରିକ୍ରମା କରିଥିଲେ। ଜୟପୁର ଶ୍ରୀରାମ ମାର୍ଗସ୍ଥିତ ଶ୍ରୀରାମ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବିଗ୍ରହଙ୍କୁ ନଗର ପରିକ୍ରମା କରାଯାଇଥିଲା। ମନ୍ଦିର ପରିସରରେ ହୋମ ଯଜ୍ଞ ପ୍ରସାଦ ବଣ୍ଟନ ଆଦି ହୋଇଥିଲା। ଏହି ନଗର ସଂକୀର୍ତ୍ତନ ଏବଂ ନଗର ପରିକ୍ରମା ତିନିଦିନ ଧରି ହେବ ବୋଲି ଜଣାପଡିଛି।

# ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ନନ୍ଦପୁର,୨୦।୧(ଶଙ୍କର ପୂଜାରୀ)

ନନ୍ଦପୁର ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟର ପୋଷ୍ୟଗ୍ରାମ ଗେରୁପୁଟଠାରେ ଛାତ୍ରୀଛାତ୍ରଙ୍କୁ ନେଇ ଚାଲିଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ୭ଦିନିଆ ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ୧୪ ତାରିଖରୁ ଏହି ଶିବିର ଆରମ୍ଭ ହୋଇଥିଲା। ଶିବିରାର୍ଥୀମାନେ ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ପରିମଳ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ ବେହେରା ଶିବିରାର୍ଥୀ ମାନଙ୍କୁ ସାମାଜିକ ମୂଲ୍ୟବୋଧ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଅଧ୍ୟକ୍ଷ ଅମର ମହାପାତ୍ର ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଗାଁ ମୁଖିଆ ଡମ୍ବରୁ ଦୋରା ଛାତ୍ରୀଛାତ୍ରୀଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ ହନ୍ତାଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଅବସରରେ ଛାତ୍ରୀଛାତ୍ର ଓ ଗ୍ରାମବାସୀ ମିଶି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନେଇ ବୈଠକ

ଜୟପୁର, ୨୦।୧ (ପବନ ପାଣିଗ୍ରାହୀ)

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ନେଇ ଶନିବାର ଜୟପୁର ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍ ନିଶା ପ୍ରମୁଖ ଉପସ୍ଥିତ ଥିଲେ। ଫେବୃଆରି ୯ରେ ବ୍ଲକ କାର୍ଯ୍ୟାଳୟଠାରେ ଶିବିର କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏନେଇ ବ୍ଲକରେ ଆସନ୍ତା ୨୪ତାରିଖରୁ ପ୍ରତ୍ୟେକ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ମାଧ୍ୟମରେ ଏବଂ ଏକ ରଥ ୨୨ଟି ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଯାଇ ଫେବୃଆରି ୬ ଯାଏ ଲୋକଙ୍କୁ ସଚେତନ କରିବ । ଗ୍ରାମଗୁଡିକରେ କାର୍ଯ୍ୟ କରୁଥିବା ଅଙ୍ଗନୱାଡି କର୍ମୀମାନେ ଚିହ୍ନଟ କରିଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଶିବିର ସ୍ଥଳରେ ପହଞ୍ଚାଇବେ ।

# ଶୋଭାଯାତ୍ରା କରି ପ୍ରତିବାଦ ଜଣାଇଲେ ଅଞ୍ଚଳବାସୀ

- ସମିତିସଭ୍ୟଙ୍କୁ ଜିଲାପାଳଙ୍କ ଦୁର୍ବ୍ୟବହାର ଘଟଣା
- କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ ଚେତାବନୀ

ଲମତାପୁଟ, ୨୦।୧(ଭକ୍ତରମ ବାଙ୍କିଆ)

କୋରାପୁଟ ଜିଲା ଲମତାପୁଟ ପଞ୍ଚାୟତ ସମିତି କନ୍‌ଫରେନ୍ସ ହଲ୍‌ରେ ଗତ ୮ ତାରିଖରେ କୋରାପୁଟ ଜିଲାପାଳ ଅଭିଯୋଗ ଶୁଣାଣି କରୁଥିଲେ। ଜନଶୁଣାଣିରେ ପୂର୍ବରୁ ଗୋଟିଏ ଅଭିଯୋଗକୁ ତିନିଥର ଜଣାଇବା ସତ୍ତ୍ୱେ ତାର କୌଣସି ଶୁଣାଣି ନ ହେବାରୁ ପୁନର୍ବାର ଚତୁର୍ଥଥର ୮ ତାରିଖରେ ଅଭିଯୋଗ ଦାଖଲ ହୋଇଥିଲା। ମାତ୍ର ସବୁଥର ପରି ଏଥର ମଧ୍ୟ ଅଭିଯୋଗକୁ ଅଣଦେଖା କରାଯାଇ ଏହାର ଶୁଣାଣି ହୋଇ ନ ଥିଲା। ଏ ସମ୍ପର୍କରେ ଟିକରପଡା ସମିତିସଭ୍ୟ ତଥା ଲମତାପୁଟ ଆଦିବାସୀ ସଂଘ ବ୍ଲକ ସଭାପତି ଉଦ୍ଧବ ଅଖେଲ ବାରମ୍ବାର ଜଣାଇବା ସତ୍ତ୍ୱେ ଏହି ଅଭିଯୋଗର କାହିଁକି ଶୁଣାଣି ହେଉନାହିଁ ବୋଲି ଜିଲାପାଳଙ୍କୁ ପଚାରିଥିଲେ। ତାଙ୍କୁ ଉତ୍ତର ଦେବା ପରିବର୍ତ୍ତେ ଜିଲାପାଳ ତାଙ୍କ ପିଏସଓଙ୍କ ଦ୍ୱାରା ଧକ୍କା ଦେଇ ଶୁଣାଣିରୁ ତାଙ୍କୁ ବାହାର କରିଦେଇଥିବା ଉଦ୍ଧବ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଶନିବାର ଲମତାପୁଟ ଅଞ୍ଚଳରେ ଏକ



ଅଞ୍ଚଳବାସୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଶୋଭାଯାତ୍ରା ହୋଇଛି। ଫୁଟବଲ ପଡିଆରେ ଶତାଧିକ ଅଞ୍ଚଳବାସୀ ଏକାଠି ହୋଇ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଅନ୍ୟପକ୍ଷରେ ଏପରି ଘଟଣାକୁ ସେମାନେ ନିନ୍ଦା କରିବା ସହ କୋରାପୁଟ ଜିଲାପାଳଙ୍କୁ ତୁରନ୍ତ ଜିଲାରୁ ବଦଳି କରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ପଠାଇଛନ୍ତି। ଦାବିପୂରଣ ନ ହେଲେ ସେମାନେ ଆନ୍ଦୋଳନ ପୂର୍ବକ ରାସ୍ତାରୋଧ ଓ ଲମତାପୁଟ ବ୍ଲକ ବନ୍ଦ ଡାକରା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଜମି ମାଲିକଙ୍କ ବିରୋଧ, ଅଭିଯୋଗ ଶୁଣାଣି ବାତିଲ

ଜୟପୁର, ୨୦।୧ (ପବନ ପାଣିଗ୍ରାହୀ)

ଜାତୀୟ ରାଜପଥ-୨୬ ବାଇପାସ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଉପରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଶନିବାର ଜୟପୁର ବ୍ଲକ ଅନ୍ତର୍ଗତ ଦୁବୁଲିଠାରେ ହେବାର ଥିଲା। ଏଠାରେ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ପହଞ୍ଚିଥିବା ବେଳେ ଜମିମାଲିକ ମାନେ ବିରୋଧ କରି ହୋ ହାଲ୍ଲା କରିଥିଲେ। ଫଳରେ ଅଭିଯୋଗ ଶୁଣାଣି ବାତିଲ ହୋଇଥିଲା। ରାସ୍ତା ନିର୍ମାଣ ପାଇଁ ଜମିର ଆବଶ୍ୟକତା ରହିଛି । ଏହାକୁ ପ୍ରଶାସନ ଶାଗ ମାଛ ଦରରେ ଜମି ନେବାକୁ ଚାହୁଁଥିବାରୁ ତାହାକୁ ଜମିମାଲିକମାନେ ବିରୋଧ କରିଥିଲେ। ବଜାରରେ ଯାହା ଦର ରହିଛି ସେହି ଅନୁସାରେ ଟଙ୍କା ଦେଲେ ଜମି ଛାଡିବୁ ନଚେତ ମରିଯିବୁ ପଛେ ଜମି ଛାଡିବୁ ନାହିଁ କି ରାସ୍ତା କାମ କରାଇ ଦେବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଏହି ସମୟରେ ଉମୁରି ଆରଆଇ ଜ୍ଞାନ ରଞ୍ଜନ ବିଶ୍ୱାଳ, ଜମି ଅଧିଗ୍ରହଣ ବିଭାଗର ଆରଆଇ ରମେଶ ନାୟକ, କାରବାର ସହାୟକ ମନୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୁବୁଲି ଗ୍ରାମର ୪.୪୪୬ ହେକ୍ଟର ଜମି ଅଧିଗ୍ରହଣ ହେବ। ଏନେଇ ୪୩ ଜଣ ଜମିମାଲିକଙ୍କୁ ପୂର୍ବରୁ ନୋଟିସ କରାଯାଇଥିଲା।

# ବିବାଦ ତୁଟିଲା, ଡ୍ରେନ୍ ନିର୍ମାଣ ହେବ

ଜୟପୁର, ୨୦।୧ (ପବନ ପାଣିଗ୍ରାହୀ)-

ଜୟପୁର ପୌରାଞ୍ଚଳ ଜୟନଗର ମହାବୀର ଲାଇନରେ ଡ୍ରେନ ପାଇଁ ଲାଗି ରହିଥିବା ବିବାଦ ଶନିବାର ସମାଧାନ ହୋଇଛି। ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଜୟନଗରକୁ ଯାଇ ଉଭୟ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ସମସ୍ତଙ୍କ ମତ ଶୁଣି ସେ ଉଭୟ ଗୋଷ୍ଠୀକୁ ବୁଝାଶୁଝା ବିବାଦର ସମାଧାନ କରିଛନ୍ତି। ଫଳରେ ଉକ୍ତ ଅଞ୍ଚଳରେ ହୋଇ ପାରୁ ନ ଥିବା ଡ୍ରେନ ନିର୍ମାଣ ଖୁବ୍‌ଶୀଘ୍ର ହେବ। ମହାବୀର ଲାଇନର ଦୁଇ ଗୋଷ୍ଠୀ ଏକାଠି ହୋଇ ରାସ୍ତା ଓ ଡ୍ରେନ ନିର୍ମାଣ କରାଇ ଦେଉ ନ ଥିଲେ। ଦୁଇ ମାସ ତଳେ ନିର୍ବାହୀ ଅଧିକାରୀ ପଟ୍ଟନାୟକ ସେମାନଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣ କରାଇଥିଲେ। ତେବେ ଡ୍ରେନ ନିର୍ମାଣ ପାଇଁ ସମ୍ମତି ଦେଇ ନ ଥିଲେ। ମହାବୀର ଲାଇନରେ ୨ଟି ଡ୍ରେନର ଅବଶ୍ୟକତା ରହିଛି। ଏଥିପାଇଁ ଦୁଇ ମାସ ହେବ ୮ ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି। ଅଞ୍ଚଳର ଦୁଇ ଗୋଷ୍ଠୀ ଏହା କରାଇ ଦେଉ ନ ଥିଲେ। ଶନିବାର ଆଲୋଚନା ପରେ ଏହି ବିବାଦର ସମାଧାନ ହୋଇଛି। ଉକ୍ତ ଅଞ୍ଚଳରେ ପ୍ରଥମେ ୬ ମିଟରର ଡ୍ରେନ ନିର୍ମାଣ ହେବ। ପରେ ବଳକା ଡ୍ରେନ ପାଇଁ ପୌରପାଳିକା ଟେଣ୍ଡର କରିବ ବୋଲି ନିର୍ବାହୀ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।


ପୌର ନିର୍ବାହୀ ଅଧିକାରୀ ବିବାଦ ସମାଧାନ ପରେ ଅଞ୍ଚଳ ବୁଲି ଦେଖୁଛନ୍ତି।

# ଆଦିବାସୀ ଅଞ୍ଚଳରେ ହେବ ୭ ଶହ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ

- ନାରାୟଣପାଟଣାରେ ଭିତ୍ତିପ୍ରସ୍ତର ସ୍ଥାପନକଲେ କେନ୍ଦ୍ରମନ୍ତ୍ରୀ ଟୁଡୁ
- ଜମି ଯୋଗାଣରେ ରାଜ୍ୟ ସରକାରଙ୍କ ଅବହେଳାକୁ ଦାୟୀକଲେ
- ଟେଣ୍ଡର ପରେ ୩ବର୍ଷରେ ସରିବ କାମ

କୋରାପୁଟ /ନାରାୟଣପାଟଣା,୨୦।୧ (ଅମିତାଭ ବେହେରା /ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ବାଲିପେଟାଠାରେ ହେବାକୁ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶନିବାର କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ଏବଂ ଏମ୍‌ପି ତଥା ପ୍ରତିରକ୍ଷା ସଂସଦୀୟ ଷ୍ଟାଣ୍ଡିଂ କମିଟି ସଭାପତି ଜୁଏଲ ଓରାମ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଆଦିବାସୀ ବହୁଳ ଜିଲାରେ ୭୦୦ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏନେଇ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ଟୁଡୁ କହିଥିଲେ। ରାଜ୍ୟ ସରକାର ଜମି ଦେବାର ବିଳମ୍ବ କରିବାରୁ ହେବାରୁ ୬ବର୍ଷ କାଳ ଏହା ଅଟକିଥିଲା ବୋଲି ସେ ଅଭିଯୋଗ କରିଥିଲେ। ତେବେ ଡେରି


କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ହେଲେ ମଧ୍ୟ ନାରାୟଣପାଟଣା ବ୍ଲକରେ କାମ ଆରମ୍ଭ ହେବ। ୩ବର୍ଷ ମଧ୍ୟରେ କାମ ସରିବ। ଏଠାରେ ପ୍ରଥମରୁ ଯୁକ୍ତ ୩ ଡିଗ୍ରୀ ଖୋଲିବାର ବ୍ୟବସ୍ଥା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଟୁଡୁ କହିଥିଲେ। ଏଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଆଦିବାସୀ ,ହରିଜନ ଜାତି ଜନଜାତିର ପିଲାମାନେ ଭଲ ପାଠପଢ଼ି ନିଜକୁ ଗଢି ତୋଳିବେ। ଶିକ୍ଷାର ବିକାଶ ପାଇଁ ସର୍ବଦା କେନ୍ଦ୍ର ସରକାର ଗୁରୁତ୍ୱ ଦେଇଆସୁଥିବା ଏମ୍‌ପି ଜୁଏଲ ପ୍ରକାଶ କରିଥିଲେ। କୋରାପୁଟ ଜିଲାର ନାରାୟଣପାଟଣା ସହ ବନ୍ଧୁଗାଁ ଦଶମନ୍ତପୁର ବ୍ଲକରେ ଏହି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହେବାକୁ ଯାଉଥିବା ସେ ସୂଚନା ଦେଇଥିଲେ। ସବୁବେଳେ କେନ୍ଦ୍ରର ଅବହେଳା ବୋଲି କହୁଥିବା ରାଜ୍ୟ ସରକାର ଆଦିବାସୀ ଅଞ୍ଚଳରେ ବିଦ୍ୟାଳୟ ଖୋଲିବାକୁ ପଛଘୁଞ୍ଚା ଦେଉଛନ୍ତି। ଜାଣିଶୁଣି ଏଥିପାଇଁ ଜାଗା ଦେବାରେ ବିଳମ୍ବ କରୁଛନ୍ତି ବୋଲି ଜୁଏଲ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସୁମନ୍ତ ପ୍ରଧାନ, ଆଦିବାସୀ ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳିରାମ ମାଝି, ଶିବଶଙ୍କର ଉଲାକା, ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି, ଜିଲା ଉପସଭାପତି ଜୟରାମ ଗରଡା, ଜିଲା ସମ୍ପାଦକ ଅଗସ୍ତି ହାଲବା, ଜିଲା ଓବିସି ମୋର୍ଚ୍ଚା ସଭାପତି ଟଙ୍କଧର ବିଶୋୟୀ, ଜିଲା ଓବିସି ମୋର୍ଚ୍ଚା ଉପସଭାପତି ରମେଶ ଦାସ, ଅନନ୍ତ ହୁଇକା, ଲକ୍ଷ୍ମୀପୁର ଓବିସି ମୋର୍ଚ୍ଚାର ବାବୁଲା ମହାରଣା, ନାରାୟଣପାଟଣା ବ୍ଲକ ଭାଜପା ସଭାପତି କାଶୀନାଥ ହିକକା ପ୍ରମୁଖ ଉପସ୍ଥିତ ଥିଲେ।

## ଭୂମିପୂଜା ପାଇଁ ବ୍ୟବସ୍ଥା ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ

ଦଶମନ୍ତପୁର,(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଶନିବାର ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁମନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସମ୍ମାନିତ ଅତିଥି ଭାବେ ଏମ୍‌ପି ତଥା ପ୍ରତିରକ୍ଷା ସଂସଦୀୟ ଷ୍ଟାଣ୍ଡିଂ କମିଟି ସଭାପତି ଜୁଏଲ ଓରାମ, ତହସିଲଦାର, ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ, ବିଡିଓ ମିଳନ ଝଙ୍କର, ଥାନା ସେକେଣ୍ଡ ଅଫିସର ନିର୍ମଳା ଲିମା, ଜିଲା ସମ୍ପାଦକ ଚନ୍ଦ୍ରଶେଖର ରଥ, ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ କାର୍ଯ୍ୟ ଉପରେ ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିସହ ଅଞ୍ଚଳବାସୀଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ବଳିତ ଅଭିଯୋଗପତ୍ର ଓରାମ ଗ୍ରହଣ କରିଥିଲେ। ଏହି ଅବସରରେ ରୋଗଗ୍ରସ୍ତ ଅବସ୍ଥାରେ ଥାଇ ସରକାରଙ୍କ ଯୋଜନାରୁ ବଞ୍ଚିତ ହୋଇ ଆସୁଥିବା ଚଣାବାଡ଼ ପଞ୍ଚାୟତ ଢେପଗୁଡ଼ା ଗ୍ରାମର ଜଣେ ମହିଳାଙ୍କୁ ସରକାରୀ ଯୋଜନାରୁ ସୁଫଳ ପାଇବା ନେଇ ବ୍ୟବସ୍ଥା କରିବେ ଏବଂ ୨ କୁନି ଶିଶୁଙ୍କ ଚିକିତ୍ସା ବ୍ୟବସ୍ଥା କରିବେ ବୋଲି ମୁଖ୍ୟ ଅତିଥି ଜଳ ସମ୍ପଦ ମନ୍ତ୍ରୀ ଟୁଡୁ ଏବଂ ଓରାମ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶେଷ ପରେ ନିର୍ମାଣ ହେବାକୁ ଥିବା ଏକଲବ୍ୟ ବିଦ୍ୟାଳୟର ଭୂମିପୂଜନ ପାଇଁ ସେଠାରେ ପହଞ୍ଚିବା ବେଳକୁ ସେଠାରେ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଦେଖି ଭୂମିପୂଜା ନ କରି ଫେରିଯାଇଥିଲେ। ଏନେଇ ସେ ପ୍ରଶାସନିକ ଅଧିକାରୀମାନଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ମଣ୍ଡଳ ସଭାପତି ଘନଶ୍ୟାମ ସୁବୁଦ୍ଧି, ବ୍ଲକ ସମ୍ପାଦକ କୃପା ରାଏ, ଦିଲୀପ ବାଘ, ଯୁବ ମଣ୍ଡଳ ସଭାପତି ବାବୁଲି ନାୟକ, ଚତୁର୍ଭୁଜ ନାୟକ, ଭୁବନ ଜାନିଙ୍କ ସମେତ ୧୬ଟି ପଞ୍ଚାୟତର ଗ୍ରାମବାସୀ ଓ କର୍ମୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୋରାପୁଟ ଏସ୍‌ଡିପିଓ ଶ୍ରାବଣୀ ନାୟକଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ।

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ



ନବରଙ୍ଗପୁର,୨୦।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁରରୁ ବାଇକ୍ ଚୋରି ଅଭିଯୋଗରେ କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ଅଧୀନ ନବରଙ୍ଗପୁର ମାଣିଆ ଗାଁର ରୋସନ ବେନିଆ ଗିରଫ ହୋଇଛନ୍ତି। ଏନେଇ ନବରଙ୍ଗପୁର ଥାନାରେ କେସ୍ ନମ୍ବର ୨୩/୨୪ରେ ଏକ ମାମଲା ରୁଜୁ କରାଯାଇ ରୋସନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପାପଡ଼ାହାଣ୍ଡି ବ୍ଲକ ଜାଟାବାଲ ଗାଁର ଯୋଗେଶ ବିଷୋୟୀ ନବରଙ୍ଗପୁର ଲୋହରା ସାହି ନିକଟ ସିମେଣ୍ଟ ଦୋକାନରେ କାମ କରୁଥିଲେ। ନନ୍ଦାହାଣ୍ଡି ବ୍ଲକ ମିରଗାନଗୁଡ଼ା ଗାଁକୁ ତାଙ୍କ ସାଙ୍ଗ ଘରକୁ ଯାଇଥିଲେ। ବାହାରେ ବାଇକ୍ (ଓଡି-୨୪ଜେ -୩୦୪୭) ରଖି ସାଙ୍ଗ ଘରକୁ ଯାଇ ସେଠାରୁ ଖାଇ ବାହାରିଲା ବେଳକୁ ତାହା ଚୋରି ହୋଇଯାଇଥିଲା। ଏନେଇ ସେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଥାନା ଏସ୍ଆଇ ସବୀର ଅହମ୍ମଦ ଘଟଣାର ତଦନ୍ତକରି ମାଣିଆ ଗାଁର ରୋସନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି।

### ଜିଲା ଶିଳ୍ପକେନ୍ଦ୍ରର ଉଦ୍ୟୋଗୀ ବିକାଶ ତାଲିମ ଶିବିର

କୋଡ଼ିଙ୍ଗା, ୨୦।୧(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା ଶିଳ୍ପ କେନ୍ଦ୍ର ଓ ଆଇଏମ୍ଏମ୍ଏସ୍ କଟକ ପକ୍ଷରୁ ଉଦ୍ୟୋଗୀ ବିକାଶ ପାଇଁ କୋଡ଼ିଙ୍ଗା




ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଯୁବ ପିଢ଼ିଙ୍କୁ ନେଇ ଏକ ଉଦ୍ୟୋଗୀ ବିକାଶ ତାଲିମ ଶିବିର ଆରମ୍ଭ ହୋଇଛି। ଏହି ତାଲିମ ଶିବିର ୧୦ ଦିନ ଧରି ଚାଲିବ। ଶିବିରରେ ୩୦ ଜଣ ଯୁବତୀ ଯୁବକ ଭାଗ ନେଇଛନ୍ତି। ସେମାନଙ୍କୁ କ୍ଷୁଦ୍ର ଶିଳ୍ପ ପରିଚାଳନା ଏବଂ କ୍ଷୁଦ୍ର ଶିଳ୍ପ ପାଇଁ ସରକାରୀ ଯୋଜନା ସହାୟତା ବିଷୟରେ ତାଲିମ ଦିଆଯିବ। ସମସ୍ତ ତାଲିମାର୍ଥୀଙ୍କୁ ପ୍ରମାଣପତ୍ର ଦିଆଯିବ। କାର୍ଯ୍ୟକ୍ରମରେ ଜିଏମ୍ କୈଳାସ ଚନ୍ଦ୍ର ମଲ୍ଲିକ, ସହକାରୀ ଶିଳ୍ପ ଅଧିକାରୀ କେ. ବିକ୍ରମ ରାଜୁ, ଆଇପିଓ ସ୍ୱାତି ମିଶ୍ର, କୋଅର୍ଡିନେଟର ମନୋଜ କୁମାର ଦାସ, ଆଇଏମ୍ଏମ୍ଏସ୍ କୋଅର୍ଡିନେଟର ଇମ୍ରାନ ଖାନ ପ୍ରମୁଖ ଉଦ୍ୟୋଗୀ ବିକାଶ ଉପରେ ତାଲିମ ଦେଉଥିଲେ। ସ୍ଥାନୀୟ ସରପଞ୍ଚ ସେବିକା ମାଝି ଓ ପଞ୍ଚାୟତ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ୨୯ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ତେନ୍ତୁଳିଖୁଣ୍ଟି, ୨୦।୧(ଚିଦାନନ୍ଦ ସାହୁ)

### ସମସ୍ୟା ନେଇ ଇନ୍ଦ୍ରାବତୀ ନାଗରିକ ମଞ୍ଚର ୧୦ଦଫା ଦାବିପତ୍ର

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଇନ୍ଦ୍ରାବତୀ ନାଗରିକ ମଞ୍ଚ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇନ୍ଦ୍ରାବତୀ ଡ୍ୟାମ ସର୍କଲ ଙ୍କୁ ଦଶ ଦଫା ଦାବିପତ୍ର ଦେଇଛି। ୨୯ ତାରିଖ ସୁଦ୍ଧା ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

ଇନ୍ଦ୍ରାବତୀ ଅଞ୍ଚଳରେ ଥିବା ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବା ସହ ଏରିଆ ହସ୍ପିଟାଲର ମାନ୍ୟତା, ଡାକ୍ତର ନିଯୁକ୍ତି କରିବାକୁ ଦାବି ରହିଛି। ଏଥିସହ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଯୋଗାଇବା, ପ୍ରସ୍ତାବିତ କେନ୍ଦୁଗୁଡ଼ାରେ ବ୍ରିଜ ଓ ରାସ୍ତା ତିଆରି କରି ଜଳବନ୍ଦୀ ଅଞ୍ଚଳ ସମେତ କୋରାପୁଟ ଦଶମନ୍ତପୁରକୁ ସଂଯୋଗ କରିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି। ଜଳଭଣ୍ଡାର ଦେଓପାଲି ଓ କପୁରରେ ବୋଟିଂ ବ୍ୟବସ୍ଥା ସାଙ୍ଗକୁ ପାର୍କର ଉନ୍ନତିକରଣ ସହ ଇକୋ ଟୁରିଜମ ମାନ୍ୟତା, ଇନ୍ଦ୍ରାବତୀରୁ ଭୁବନେଶ୍ୱର ସମେତ ପଶ୍ଚିମ ଓଡ଼ିଶାର ବରଗଡ଼, ଆନ୍ଧ୍ରର ବିଶାଖାପାଟଣାକୁ ଯାତ୍ରୀବାହୀ ଦ୍ରୁତଗାମୀ ବସ ଚଳାଚଳ, କୋଡ଼ିଙ୍ଗା ଭଳି ବସ ଷ୍ଟାଣ୍ଡ ନିର୍ମାଣ, ଇନ୍ଦ୍ରାବତୀରେ ପ୍ରସ୍ତାବିତ କୌଶଳବୃଦ୍ଧି ତାଲିମ କେନ୍ଦ୍ର ଖୋଲିବା ଭଳି ୧୦ ଦଫା ଦାବି ରହିଛି। ଦାବି ପୂରଣ ପାଇଁ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ସୁଫଳ ମିଳୁ ନ ଥିବାରୁ ମଞ୍ଚ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ନାଗରିକ ମଞ୍ଚର ଏହି ଦାବିକୁ ତେନ୍ତୁଳିଖୁଣ୍ଟି ଡ୍ରାଇଭର ମହାସଂଘ, ଇନ୍ଦ୍ରାବତୀ ୟୁଥ୍ ଆସୋସିଏସନ, ବୋଲବମ ମହାସଂଘ, ଇନ୍ଦ୍ରାବତୀ ବଣିକ ସଂଘ, ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳ ଗଣ ପରିଷଦ, ତେନ୍ତୁଳିଖୁଣ୍ଟି ମାଇନୋରିଟି ସଂଗଠନ, ଇନ୍ଦ୍ରାବତୀ ଟ୍ରାକ୍ଟର ମାଲିକ ସଂଘ, ଠିକାଦାର ସଂଘ, ସମସ୍ତ ମନ୍ଦିର ପରିଚାଳନା କମିଟି ସମର୍ଥନ କରୁଛନ୍ତି। ସେମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସମସ୍ୟା ସମାଧାନ ପ୍ରତି ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ସୁନୀଲ ପୃଷ୍ଟି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ପରିସର ସୀମିତ ଯୋଗୁ ନିଜ ଅସହାୟତା ପ୍ରକାଶ କରିଥିଲେ।

# ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର,୨୦।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ନିକଟ ତାରା ଗାଁ ନୋଡାଲ ସରକାରୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା, ଜିଜ୍ଞାସା, କୌଶଳ ଓ କ୍ରୀଡ଼ାଙ୍ଗନ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପଟ୍ଟନାୟକ ସଭାକାର୍ଯ୍ୟ ସମ୍ପାଦନ କରିଥିଲେ। ତାରାଗାଁ ପଞ୍ଚାୟତ ସରପଞ୍ଚ ଅମ୍ବିକା ଭତ୍ରା ମୁଖ୍ୟ ଅତିଥି, ନାଟ୍ୟକାର ଜଗନ୍ନାଥ ବେହେରା ମୁଖ୍ୟବକ୍ତା, ଅନ୍ୟତମ ଅତିଥିଭାବେ ମିତ୍ରଭାନୁ ସତନାମୀ ଯୋଗ ଦେଇଥିଲେ। ରଜନୀ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସ୍କୁଲ କମିଟି ସଭାପତି, ସମ୍ପାଦକଙ୍କ ସମେତ ୭୦୦ ପିଲା ଉପସ୍ଥିତ ଥିଲେ। ସନ୍ଧ୍ୟାକାଳୀନ ଅଧିବେଶନରେ ପିଲାଙ୍କ ଦ୍ୱାରା ନାଚଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ଗଳ୍ପ, ରଚନା ଓ କବିତା ପାଠ କରିଥିଲେ। ବିଦ୍ୟାଳୟର ଧରିତ୍ରୀ ପାତ୍ର, ଶୁଭଶ୍ରୀ ତ୍ରିପାଠୀ, ପ୍ରଶାନ୍ତ ବେଣ୍ଟୁ, କୃତ୍ତିବାସ ପାତ୍ର, ମିନତି ପ୍ରଧାନ, ସନ୍ତୋଷ ସାହୁ, ଯମୁନା ହରିଜନ, ତନୁଜା ପାତ୍ର, ଝରଣା ପଟ୍ଟନାୟକ, ତୃପ୍ତିମୟୀ ପାଣିଗ୍ରାହୀ, ସନ୍ଦୀପ ପଣ୍ଡା, କାଦମ୍ବିନୀ ଖରାଙ୍କ ସହିତ ଅନେକ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଧୁମଧାମରେ ଚାଲିଛି ଆଦିବାସୀଙ୍କ ଟୋକିମରା ପର୍ବ



ଟୋକିମରା ପର୍ବ ପାଇଁ ସିନ୍ଧିଗୁଡ଼ାରେ ଏମ୍ପି, ବିଧାୟକ ଓ ଅନ୍ୟମାନେ।

ଡାବୁଗାଁ, ୨୦।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତ ଅଧୀନ ସିନ୍ଧିକାଗୁଡ଼ା ଗ୍ରାମରେ ଟୋକିମରା ପର୍ବ ଶନିବାର ପାଳିତ ହୋଇଛି। ଏହା ହେଉଛି ଆଦିବାସୀଙ୍କ ପାରମ୍ପରିକ ପର୍ବ। ୫ ବର୍ଷକୁ ଥରେ ଏହି ପର୍ବ ପାଳନ କରାଯାଏ। ଚଳିତ ମାସ ୧୩ ତାରିଖରୁ ଏହା ଆରମ୍ଭ ହୋଇଥିଲା।

ପ୍ରଥମରେ ଗ୍ରାମର ଲୋକେ ପୂଜାରୀଙ୍କ ସହ ଝରିଗାଁ ବ୍ଲକ ଅଧୀନ ରାମସା ଗ୍ରାମର ପୂଜାରୀଙ୍କ ଘରକୁ କନ୍ୟା ମାଗିବାକୁ ଯାଇଥିଲେ। କଣ୍ଢେଇ ରୂପରେ କନ୍ୟା ଆଣି ଗ୍ରାମକୁ ଆଣି ତାହାକୁ ଗାଁ ପୂଜାରୀଙ୍କ ଘରେ ରଖାଯାଇ ପୂଜା କରାଯାଉଛି। ଗବାଗୁଡ଼ା ଗ୍ରାମରୁ ଗୁରୁମାଇନିଙ୍କୁ ଆଣି ଗ୍ରାମର ପୂଜାରୀ ଘରେ ପୂଜାର୍ଚ୍ଚନା କରଯାଇଥିଲା। ପ୍ରତିଦିନ ପାରମ୍ପରିକ ବେଶରେ ଲୋକେ ସଜ୍ଜିତ ହୋଇ ପୂଜାରୀଙ୍କ ଘରୁ ଶୋଭାଯାତ୍ରାରେ ବାହାରି ବଡ଼ନୀ, ବେଲଝରି, ବଦଲିଗୁଡ଼ା, ଡୁମାଗୁଡା, ଧାରିନିଯୋଡ଼ି, ପଣ୍ଡିକିଛାପର ଗ୍ରାମ ପରିକ୍ରମ କରି ସିନ୍ଧିକାଗୁଡା ପୂଜାରୀ ଘରକୁ ଫେରନ୍ତି। ଏହି ପର୍ବର ରବିବାର ଶେଷ ହେବ। ଶେଷ ଦିନରେ ଗ୍ରାମବାସୀ ଏକ ମେଣ୍ଢା କିଣି ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଛାଡି ଦେଇଥାନ୍ତି। ଶନିବାର ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚ ରମେଶ ମାଝି, ରମେଶ ପଟ୍ଟନାୟକ ଓ ଅନ୍ୟ ମାନେ ଯୋଗ ଦେଇଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର

ତେନ୍ତୁଳିଖୁଣ୍ଟି, ୨୦।୧(ଚିଦାନନ୍ଦ ସାହୁ)

ସ୍ୱେଚ୍ଛାସେବୀ ସଙ୍ଗଠନ ସହଭାଗିତାରେ ଟାଟା ପାୱାର ପକ୍ଷରୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ୨୦୦ ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସମସ୍ତଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଏଥିସହିତ, ଉପସ୍ଥିତି ଲୋକଙ୍କୁ ଶୀତ ବସ୍ତ୍ର ଓ ଶାଢ଼ି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲ୍ ସିଏସ୍ଆର୍ ମୁଖ୍ୟ ରନଧୀର କୁମାର, ଲୋକନାଥ ସାହୁ, ରତନ ନାୟକ, ଏଇଡେଣ୍ଟଡ ସଂସ୍ଥାର ପ୍ରକଳ୍ପ ପ୍ରଯୋଜକ କୃଷ୍ଣଚନ୍ଦ୍ର ବେହେରାଙ୍କ ସହିତ ଟାଟା ପାୱାର ଡାକ୍ତର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏସ୍ଏଚ୍ଜିଙ୍କର ଜୀବନ ଜୀବିକାକୁ ସୁଦୃଢ କରି ଆର୍ଥିକ ସ୍ତରରେ ମଜଭୁତ, ଆଗାମୀ ଦିନରେ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ରନଧୀର କୁମାର କହିଥିଲେ। ପୂଜାରୀଗୁଡା ପୂର୍ବତନ ସରପଞ୍ଚ କୁମର ପୂଜାରୀ, ସାମାଜିକ କର୍ମୀ କିଶୋର ଚନ୍ଦ୍ର ସିଂ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲାରେ ଏଇଡେଣ୍ଟଡ ସଂସ୍ଥାର କାର୍ଯ୍ୟରତ ଜିଲା ସଂଯୋଜକ ଶେଖର ଖୁରା ପରିଚାଳନା କରିଥିଲେ।

# ବ୍ଲକ୍ କଂଗ୍ରେସର ଜୋନ୍ କମିଟି, ପଞ୍ଚାୟତ କମିଟି ଗଠନ



ଡାବୁଗାଁ, ୨୦।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ସଦର ମହକୁମାସ୍ଥିତ ମାଁ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବ୍ଲକ କଂଗ୍ରେସର ଏକ ବୈଠକ ସଭାପତି ଜି. ସାଇ ରାଜୁଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ୍ କମିଟି ଓ ପଞ୍ଚାୟତ କମିଟି ଗଠନ କରାଯାଇଛି। ଜୋନ୍-୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଜୋନ୍-୧ ଅଧୀନ ବଡ଼ଓଲମା ପଞ୍ଚାୟତ ସଭାପତି ଜଗଦୀଶ ଭତରା, ଜୁନାପାଣି ଶୁକ୍ର ହରିଜନ, ନନ୍ଦପୁରା ବିଜୟ ପନକା, ଜବାଗୁଡା ସିନ୍ଧୁ ମିର୍ଗାନ, ବୋରିଗାଁ ରଇନୁ ପୂଜାରୀ, କୋଇଲାରି ଭୈରବସିଂ ମାଝି, ଘୋଡ଼ାଖୁଣ୍ଟାର ଡମ୍ବରୁଧର ପନକା ଏବଂ ଜୋନ୍ -୨ ସଭାପତି ବଂଶୀଧର ମାଝି, ଜୋନ୍-୨ ଅଧୀନ ଅଞ୍ଚଳା ପଞ୍ଚାୟତ ସଭାପତି ଈଶ୍ୱର ଦାସ, ମେଦନା ଜଗନ୍ନାଥ ମେହେରା, ଡଙ୍ଗରିଗୁଡା ସଦନ ଜାନୀ, ଚଚରାଗୁଡା ଚଇତୁ କଲାର ଓ ଡାବୁଗାଁ ପଞ୍ଚାୟତ ସଭାପତିଭାବେ ରମେଶ ଜାନୀଙ୍କୁ ମନୋନୀତ କରାଯିବା ସହ ବିଭିନ୍ନ ପଦବୀ ପାଇଁ ଚୟନ କରାଯାଇଛି। ଏଥିରେ ଜିଲା କଂଗ୍ରେସ କମିଟି ସମ୍ପାଦକ ବାବି ଜେନା, ବ୍ଲକ ଯୁବ କଂଗ୍ରେସ ସଭାପତି ଶଶୀଧର ମାଝି, ବିନୋଦ ସୌରା, ଧର୍ମାନନ୍ଦ ନାୟକ, କୃଷ ପନକା, ରାମେଶ୍ୱର ପାଣିଗ୍ରାହୀ, ଆଶୁତୋଷ ଜେନା ଓ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

# ଛାତ୍ରୀଛାତ୍ରଙ୍କ ପ୍ରତିଭା ପରିପ୍ରକାଶ ନେଇ ଆଲୋଚନା

ଡାବୁଗାଁ, ୨୦।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନ ଶୀଳତା ଉତ୍ସବ ପ୍ରଧାନ ଶିକ୍ଷକ ଡମ୍ବରୁଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମେଦନା ସରପଞ୍ଚ ସୁମିତ୍ରା ମାଝି ମୁଖ୍ୟ ଅତିଥି, ଡାବୁଗାଁ ଏବିଇଓ ସନ୍ତୋଷ କୁମାର ସାହୁ, ଆଞ୍ଚଳିକ ସାଧନ ସଂଯୋଜକ ହେମେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ହିରଣ୍ୟ ମାଝି, ସ୍କୁଲ ପରିଚାଳନା କମିଟି ସଭାପତି ଦୟାନିଧି ମେହେର, ମୋ ସ୍କୁଲ ମୋ ଅଭିଯାନ ସଭାପତି ଭଗବାନ ମାଝି ଓ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଲୁକ୍କାୟିତ ପ୍ରତିଭା କିଭଳି ପରିପ୍ରକାଶ କରିପାରିବେ ସେ ନେଇ ଆଲୋଚନା ହୋଇଛି। ଚଳିତ ବର୍ଷ ଛାତ୍ରୀଛାତ୍ରଙ୍କୁ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା, ଓ କ୍ରୀଡ଼ାଙ୍ଗନା କ୍ଲବ ଗଠନ କରାଯାଇଛି। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପଢ଼ିବାବେଳେ ହିଁ ଜୀବନର ସୋପାନ ତିଆରି ହୁଏ

ତେନ୍ତୁଳିଖୁଣ୍ଟି, ୨୦।୧(ଚିଦାନନ୍ଦ ସାହୁ)

### ବିଜରାଗୁଡ଼ା ଏସ୍ଏସ୍ଡି ବାଳିକା ହାଇସ୍କୁଲ ବାର୍ଷିକ ଉତ୍ସବ

ତେନ୍ତୁଳିଖୁଣ୍ଟି ବ୍ଲକ କୁକୁଡ଼ାବାଇ ପଞ୍ଚାୟତ ବିଜରାଗୁଡ଼ାସ୍ଥିତ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲାପାଳଙ୍କ ସ୍ତ୍ରୀ ବବିତା ସୋରମୁଖ୍ୟ ଅତିଥି, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ, କୁକୁଡ଼ାବାଇ ସରପଞ୍ଚ ରତ୍ନା ଯାନୀ, ବିଦ୍ୟାଳୟ ସଭାପତି ହେମନ୍ତ ମାଝି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ କରୁଣାକର ନାୟକ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଭଲ ପାଠ ପଢ଼ି ଆଗକୁ ପଢ଼ିବାକୁ ବିଡିଓ ପରାମର୍ଶ ଦେଇଥିଲେ। ଭଲ ପଢ଼ି ସ୍କୁଲ, ନାଁ, ଜିଲା ଓ ରାଜ୍ୟର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ମା ବାପା ଶିକ୍ଷୟିତ୍ରୀ ଶିକ୍ଷକଙ୍କ କଥା ମାନି ପଢ଼ିଲେ ଭଲ ନାଁ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପଢ଼ିବାବେଳେ ହିଁ ଜୀବନର ସୋପାନ ତିଆରି ହୁଏ ବୋଲି ମୁଖ୍ୟ ଅତିଥି କହିଥିଲେ। ଶିକ୍ଷା ହିଁ ଜଣଙ୍କର ଭବିଷ୍ୟତ ତିଆରି କରେ ସେ କହିଛନ୍ତି। କମ ବୟସରେ ଝିଅମାନଙ୍କ ବିବାହ ନ କରିବାକୁ ଅଭିଭାବକଙ୍କୁ ଉପଦେଶ ଦିଆଯାଇଛି। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଂରାଜୀ ଶିକ୍ଷକ ମନୋଜ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଖବରଦାତାଙ୍କୁ ପେନ୍ସନ ପ୍ରଦାନ ଦାବି



ଡେପୁଟି କଲେକ୍ଟର ଟି.ମନସ୍ୱିତା ଦାବିପତ୍ର ଗ୍ରହଣ କରୁଛନ୍ତି।

ନବରଙ୍ଗପୁର/ଉମରକୋଟ,୨୦।୧ (ସଦାଶିବ ପ୍ରହରାଜ/ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଓୟୁଜେ ସଂଘ ସଭାପତି ସୁଶାନ୍ତ କୁମାର ବେହେରା ଓ ସାଧାରଣ ସମ୍ପାଦକ ବାରିଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲାର ଓୟୁଜେ ସଦସ୍ୟ ଖବରଦାତାଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଟି.ମନସ୍ୱିତାଙ୍କୁ ଏହି ଦାବିପତ୍ର ଗ୍ରହଣ କରିଛନ୍ତି। ଖବରଦାତାଙ୍କୁ ପେନସନ ପ୍ରଦାନ କରିବାକୁ ସଂଘ ଦାବି କରିଛି। ଏହି ସମୟରେ ନଳିନୀ ମିଶ୍ର, କୃଷ୍ଣ ପଟ୍ଟନାୟକ, ସ୍ୱପ୍ନଜିତ ପଟ୍ଟନାୟକ, ଗୌତମ ଅଗ୍ରୱାଲ, ଛବି ସତନାମୀ, ଚିଦାନନ୍ଦ ସାହୁ, ଫାଲ୍‌ଗୁନୀ ପାତ୍ର, ମହେଶ୍ୱର ବେହେରା, ମୁନା ଦଳେଇ, ଲକ୍ଷ୍ମୀ କାନ୍ତ ପଣ୍ଡା, ସିମାଦ୍ରୀ ପଟ୍ଟନାୟକ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସର୍କିଟ ହାଉସରେ ସଂଘର ଏକ ବୈଠକ କରାଯାଇଛି।

# ସଚେତନତା ଶିବିର ପ୍ରସ୍ତୁତି ବୈଠକ

ଡାବୁଗାଁ, ୨୦।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଆମ ଓଡିଶା ନବୀନ ଓଡ଼ିଶା ଯୋଜନା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧକ୍ଷା ବୀଣା ମାଝିଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ୨ ପଞ୍ଚାୟତରେ ସଚେତନତା ସଭା କରାଯାଇ ଭିଡିଓ ମାଧ୍ୟମରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ପ୍ରଦର୍ଶ କରାଯିବ। ବିଭାଗୀୟ ଅଧିକାରୀ ନିଜ ବିଭାଗରେ ଚାଲିଥିବା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକମାନଙ୍କୁ ବୁଝାଇବେ। ବିଭିନ୍ନ ବିଭାଗରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ମଡେଲ ଗୁଡିକ ଷ୍ଟଲରେ ପ୍ରଦର୍ଶିତ କରାଯିବା ନେଇ ଆଲୋଚନା ହୋଇଛି। ଏଥିରେ ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକ, ଜିଲାପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଏମ୍ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସିଡିପିଓ ମିନତୀ ଦାସ, ବନାଞ୍ଚଳ ଅଧିକାରୀ ତଡିତ ସ୍ୱାଇଁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ମୃତ୍ତିକା ସଂରକ୍ଷଣ ରେଞ୍ଜ ଅଧିକାରୀ ଗୌତମ ସେଠୀ, ଏବିଇଓ ଦେବରାଜ ଗୋପାଳ, ନୀତି ଆୟୋଗ ଜିଏଫ ଶେଫାଳୀ ସୁତାର, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପରଶୁରାମ ମାଳୀ, ଅର୍ଜୁନ ଭତରା ଓ ହଳଧର ଜାନୀ, ମିଶନଶକ୍ତି ବିପିଏ ନବୀନ ଭତରା, ମିଲେଟ ମିଶନ ବ୍ଲକ ସଂଯୋଜକ ନବୀନ ମହୁରିଆ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି କାର୍ତ୍ତିକ ଭତରାଙ୍କ ସହ ସମସ୍ତ ସରପଞ୍ଚ ଓ ଗ୍ରାମରୋଜଗାର ସେବିକା ସେବକ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇ ପ୍ରାର୍ଥୀଙ୍କୁ ଜିତାଅ




କାର୍ଯ୍ୟକ୍ରମରେ ନେତାମାନେ କର୍ମୀଙ୍କୁ ଆହ୍ୱାନ ଦେଉଛନ୍ତି।



ସମ୍ମିଳନୀରେ ସାମିଲ ହୋଇଥିବା କର୍ମୀମାନେ।

ଉମରକୋଟ,୨୦।୧(ସନ୍ତୋଷ ଶତପଥୀ)

### ବିଜେଡିର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ତୃଣମୂଳସ୍ତରରୁ ପ୍ରସ୍ତୁତି ଆରମ୍ଭ କରିଛି। ଏହି କ୍ରମରେ ନବରଙ୍ଗପୁର ଜିଲା ବିଜେଡି ପକ୍ଷରୁ ଜିଲାସ୍ତରୀୟ ବିଶାଳ କର୍ମୀ ସମ୍ମିଳନୀ ଉମରକୋଟ ବ୍ଲକ ଅଧୀନ ଭାମିନି ଗ୍ରାମପଞ୍ଚାୟତର ଭାସ୍କେଲ ଡ୍ୟାମଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ଜିଲା ପ୍ରଭାରୀ ଈଶ୍ୱର ପାଣିଗ୍ରାହୀ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ରାଜ୍ୟ ପ୍ରତିନିଧି ପ୍ରକାଶ ମହାନ୍ତି, ଜିଲା ପରିଷଦ ଉପସଭାପତି ଲିପିକା ବାରୋଇ, ୧୦ ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟ, ବିଜେଡିର ସମସ୍ତ ଜିଲା ପରିଷଦ ସଦସ୍ୟ, ଉମରକୋଟ ପୌରାଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ୧୦ଟି ବ୍ଲକର ବିଜେଡି ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରାମୋଦ ପାଢୀ ମଞ୍ଚ ପରିଚାଳନ କରିଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଯେପରି ଘରେଘରେ ପହଞ୍ଚିବ ସେ ନେଇ କର୍ମୀଙ୍କୁ ଗୁରୁ ମନ୍ତ୍ର ପ୍ରଦାନ କରାଯାଇଥିଲା। ଦଳକୁ ତୃଣ ମୂଳସ୍ତରରେ ମଜଭୁତ କରିବା ସହ ଆଗାମୀ ସାଧାରଣ ନିର୍ବାଚନରେ ଜିଲାର ୪ ବିଧାୟକ ଓ ଏମ୍ପି ପ୍ରାର୍ଥୀଙ୍କୁ ଜିତାଇବାକୁ ଆଲୋଚନା ହୋଇଥିଲା। ଗତ ନିର୍ବାଚନରେ ଉମରକୋଟ ଆସନଟି ବିଜେଡି ହାତରୁ ଖସିଯାଇଥିଲା। ଏଠାରେ ଚଳିତ ଥର ଯେପରି ବିଜେଡି ପ୍ରାର୍ଥୀ ଜିତିବେ ସେଥିପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କେନ୍ଦ୍ର ସରକାରଙ୍କ ଗରିବ ମାରଣ ନୀତି ଯେପରି ପ୍ରତ୍ୟକ ଭୋଟରଙ୍କ ନିକଟରେ ପହଞ୍ଚିବ ସେ ନେଇ କର୍ମୀମାନଙ୍କୁ କୁହା ଯାଇଥିଲା। ଏହି କର୍ମୀ ସମ୍ମିଳନୀରେ ଭାଜପାର ସୁନାବେଡା ପଞ୍ଚାୟତର ସଭାପତି ପ୍ରାଣ ଭଟ୍ଟାଚାର୍ଯ୍ୟ, ଭାଜପା ଜୋନ୍- ୨ ସଭାପତି ସୁରେଶ ସର୍ଦ୍ଦାର ଦଳ ଛାଡ଼ି ବିଜେଡିରେ ମିଶିଛନ୍ତି। ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି।

